ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.102 Bhubaneswar Wednesday June 01 2022 | ୨୫ତମ ବର୍ଷ ସଂଖ୍ୟା–୧୦୨ ଭୁବନେଶ୍ୱର, ବୁଧବାର, ଜୁନ ୦୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ଭୁବନେଶ୍ୱରଠାରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ଅବସରରେ ଏକ ଶୋଭାଯାତ୍ରା

## ବ୍ୟାପୁଛି ମଙ୍କି ପକ୍ସ , ବିଦେଶ ଫେରନ୍ତାଙ୍କ ଉପରେ ନଜର ରଖୁଛି ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୩୧।୫(ପି.ଏନ): ମଙ୍କି ପକ୍ସକୁ ନେଇ ଏବେ ଚିନ୍ତାରେ ସାରା ବିଶ୍ୱ । ଯେଉଁମାନେ ବାହାରୁ ଓଡିଶାକୁ ଆସୁଛନ୍ତି ସେମାନଙ୍କ ଉପରେ ନଜର ରଖିବାକୁ ପଡିବ । ଗତ୨୧ ଦିନ ଭିତରେ ଯେଉଁମାନେ ବିଦେଶରୁ ଆସୁଛନ୍ତି ସେମାନଙ୍କ ଉପରେ ବିଶେଷ ନଜର ରଖାଯାଉଛି । ବିଶେଷ କରି ଆଫ୍ରିକୀୟ ଦେଶମାନଙ୍କରୁ ଯେଉଁମାନେ ଫେରୁଛନ୍ତି ସେମାନଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ ନଜର ରଖିଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ।ସେ କହିଛନ୍ତି ଯେ ଏନେଇ ଆସନ୍ତା ୨ ତାରିଖରେ ସମସ୍ତ ସିଡିଏମଓ , ବିଭିନ୍ନ ହସ୍ପିଟାଲର ନିର୍ଦ୍ଦେଶକଙ୍କ ସହ ସହ ବିଭିନ୍ନ ଡାକ୍ତରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଛି । ବୈଠକରେ ମଙ୍କି ଫକ୍ସ ଭାଇରସ ନେଇ ବ୍ୟାପକ ଆଲୋଚନା ହେବ । ମଙ୍କି ପକ୍ସ ୩୦ ଟି ଦେଶରେ ବ୍ୟାପିଲାଣି ।

# ବ୍ରଜରାଜନଗର ଉପ ନିର୍ବାଚନ ପାଇଁ ସରିଲା ଭୋଟ୍ ଗ୍ରହଣ

## – ଅପରାହ୍ନ ୫ ଟା ସୁଦ୍ଧା ୬୯% ମତଦାନ – ଜୁନ୍ ୩ ରେ ଗଣତି

ବ୍ରଜରାଜନଗର / ଭୁବନେଶ୍ୱର,୩୧।୫(ପି.ଏନ): ବ୍ରଜରାଜନଗର ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଶେଷ ହୋଇଛି । ଇଭିଏମ୍ ରେ ସିଲ୍ ହୋଇଛି ୧୧ ପ୍ରାର୍ଥୀଙ୍କ ଭାଗ୍ୟ । ମଙ୍ଗଳବାର ସକାଳ ୭ ଟଶରୁ ମୋଟ ୨୭୯ ଟି ବୁଥ୍ ରେ ଭୋଟ୍ ଗ୍ରହଣ କରାଯାଇଥିବା ବେଳେ ସନ୍ଧ୍ୟା ୫ ଟା ସୁଦ୍ଧା ୬୯% ପ୍ରତିଶତ ମତଦାନ ହୋଇଛି । ଭୋଟ୍ ଗ୍ରହଣ ପରେ ଇଭିଏମ୍ ଗୁଡିକୁ ଷ୍ଟ୍ରଙ୍ଗ୍ ରୁମ୍ ରେ ରଖାଯାଇଛି । ଆସନ୍ତା ଜୁନ୍ ୩ ତାରିଖରେ ଭୋଟ୍ ଗଣତି ପରେ ଫଳାଫଳ ପ୍ରକାଶ ପାଇବ । ବ୍ରଜରାଜନଗର ଭୋଟ ଗ୍ରହଣ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ କହିଛନ୍ତି ଯେ ଶୃଙ୍ଖଳାର ସହ ଭୋଟ ହୋଇଛି । ବିଶେଷ କିଛି କେଉଁଠି ଅସୁବିଧା ହୋଇନି । ଅପରାହ୍ନ ୫ଟା ସୁଦ୍ଧା ୬୯ ପ୍ରତିଶତ ମତଦାନ ରେକର୍ଡ ହୋଇଛି । ପୋଲିଂ ପାର୍ଟି ଫେରିଲା ପରେ କେତେ ପ୍ରତିଶତ ମତଦାନ ହୋଇଛି ସ୍ପଷ୍ଟ ହେବ । ସେ କହିଛନ୍ତି ଯେ କିଛି ବୁଥରେ ଭୋଟରଙ୍କ ଧାଡ଼ି ଲମ୍ୱିଥିବାରୁ ସେଠାରେ ମତଦାନ ଜାରି ରହିଛି । ତେବେ ସନ୍ଧ୍ୟା ୫ଟା ସୁଦ୍ଧା ୬୯ ପ୍ରତିଶତ ମତଦାନ ହୋଇଥିବା ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ୩ଟାରୁ ୪ଟା ମଧ୍ୟରେ ଝଡ଼ବର୍ଷା ପାଇଁ ଭୋଟଦାନ ବାଧାପ୍ରାପ୍ତ ହୋଇଥିଲା । ସକାଳୁ ୩ଟି ଇଭିଏମ୍ ରେ ତ୍ରୁଟି ଦେଖାଯାଇଥିଲା । ପରେ ଏକ ବୁଥରେ ସମସ୍ୟା ଦେଖାଦେଇଥିଲା । ୩ଟି ଲେଖାଏଁ ବାଲଟ ୟୁନିଟ ଓ କଂଟ୍ରୋଲ ୟୁନିଟ ପରିବର୍ତନ କରାଯାଇଛି । କୌଣସି ସ୍ଥାନରେ ହିଂସା ହୋଇନାହିଁ । ଗତଥର ଏଠାରେ୬୮ ପ୍ରତିଶତ ମତଦାନ ହୋଇଥିଲା । ଏଥର ଭୋଟିଂ ହାର ଗତଥରର ହାରକୁ ଟପିବ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ମୋଟ ୨୭୯ ବୁଥରେ ୨ ଲକ୍ଷ ୧୪ ହଜାର ୮୭୮ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଛନ୍ତି । ୨୭୯ ବୁଥ ମଧ୍ୟରୁ ୬୦ଟି ବୁଥ ସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ କରାଯାଇ ଥିଲା ବେଳେ ୫ଟି ପିଙ୍କ୍ ବୁଥ ଓ ୩୦ଟି ଆଦର୍ଶ ବୁଥ କରାଯାଇଛି । ବ୍ରଜରାଜନଗର ଉପନିର୍ବାଚନରେ ୧୨୮୮ ଜଣ ପୋଲିଂ ଅଫିସର ନିଯୁକ୍ତ ହୋଇଥିବା ବେଳେ, ଆଇନ ଶୃଙ୍ଖଳା ପାଇଁ ୧୦୦୦ ପୋଲିସ କର୍ମଚାରୀ ମୁତୟନ ହୋଇଥିଲେ । ସେହିଭଳି ସମ୍ବେଦନଶୀଳ ବୁଥରେ ୩ କମ୍ପାନୀ ସେଂଟ୍ରାଲ ଆର୍ମ ଫୋର୍ସ ମୁତୟନ ହୋଇଛନ୍ତି । ୫୦ ପ୍ରତିଶତ ବୁଥରେ ୱେବକାଷ୍ଟିଂ କରାଯାଉଛି । ବରିଷ୍ଠ ଭୋଟର ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସବୁ ବୁଥରେ ରାମ୍ପ, ହ୍ୱିଲଚେୟାର ସହ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି ।

## ବାରବାଟୀ ଟି-୨୦ ପାଇଁ ଆଜିଠାରୁ ଅନଲାଇନ୍ ଟିକେଟ୍ ବିକ୍ରି

ଭୁବନେଶ୍ୱର, ୩୧।୫(ପି.ଏନ): ବାରବାଟୀ ଟି-୨୦ ପାଇଁ ଆସନ୍ତାକାଲି ସକାଳ ୧୧ଟାଠାରୁ ଅନଲାଇନ୍ ଟିକେଟ୍ ବିକ୍ରି ଆରମ୍ଭ ହେବ । ଅନ୍ ଲାଇନରେ ୫ ହଜାର ଟିକେଟ ବିକ୍ରି କରାଯିବାର ବ୍ୟବସ୍ଥା ହୋଇଛି । ଗ୍ୟାଲେରୀ ନମ୍ବର ୨, ୪, ୭, ସ୍ପେଶାଲ ଏନକ୍ଲୋଜର, ନ୍ୟୁ ପାଭେଲିୟନ ଏବଂ ଏସି ବକ୍ସ ପାଇଁ ଟିକେଟ ବିକ୍ରି କରାଯିବ । ପେଟିଏମ୍ ଇନ୍‌ସାଇଡର୍ ଆପ୍, ପେଟିଏମ୍ ଆପ୍ ରେ ବୁକିଂ କରିହେବ । ଜଣେ ଦର୍ଶକ ଦୁଇଟି ଟିକେଟ ନେଇପାରିବେ । ଷଶ୍ୱଶ୍ୱକ୍ସ://ସଭଶ୍ୱସୟରକ୍ସ.ସଭ ୱେବସାଇଟ୍ ରେ ମଧ୍ୟ ଉପଲବ୍ଧ ହେବ ଟିକେଟ୍ । ଟିକେଟ ବୁକିଂ ବେଳେ ଦର୍ଶକଙ୍କୁ ନିଜର ପରିଚୟ ପତ୍ର ଦେବାକୁ ପଡିବ । ଅନଲାଇନ୍ ଟିକେଟ କରିଥିବା ବ୍ୟକ୍ତି ୯ ତାରିଖରୁ ୧୧ ତାରିଖ ମଧ୍ୟରେ ଦିନ ୧୦ଟାରୁ ୬ ଟା ମଧ୍ୟରେ ସେମାନଙ୍କ ଟିକେଟ ହାର୍ଡକପି ସଂଗ୍ରହ କରିବେ । ସେହିପରି ଜୁନ୍ ୯ ଓ ୧୦ ତାରିଖରେ ଅଫଲାଇନ୍ ରେ ଟିକେଟ୍ କିଣିପାରିବେ ଦର୍ଶକ । ବାରବାଟୀରେ ଆସନ୍ତା ଜୁନ୍ ୧୨ ତାରିଖରେ ଭାରତ–ଦକ୍ଷିଣ ଆଫ୍ରିକା ଟି–୨୦ ମ୍ୟାଚ୍ ଖେଳାଯିବ । ମ୍ୟାଚ୍ ପାଇଁ ଓସିଏ ପକ୍ଷରୁ ଜୋରସୋରରେ ପ୍ରସ୍ତୁତି ଚାଲିଛି । ଷ୍ଟାଡିୟମକୁ ନୂଆ ରୂପରେ ସଜାଯାଉଛି ।

## ଏଥର ଜୁନ୍ ରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା

ଭୁବନେଶ୍ୱର,୩୧।୫(ପି.ଏନ): ଚଳିତ ବର୍ଷ ଜୁନ୍ ମାସରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ । ଚଳିତ ମୌସୁମୀ ଋତୁରେ ରାଜ୍ୟରେ ମିଶ୍ରିତ ବର୍ଷା ହେବାର ସମ୍ଭାବନା ମଧ୍ୟ ରହିଛି । କେଉଁଠି ସ୍ୱାଭାବିକଠାରୁ ଅଧିକ ତ ଆଉ କେଉଁଠି ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ସୂଚନା ଦେଇଛନ୍ତି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ।

# ଆଜିଠାରୁ କଂଗ୍ରେସର ଦୁଇଦିନିଆ ନବସଂକଳ୍ପ ଶିବିର

ଭୁବନେଶ୍ୱର, ୩୧।୫(ପି.ଏନ): ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଉଦୟପୁର ଠାରେ ଅନୁଷ୍ଠିତ ହୋଇଥିବା ନବଂସକଳ୍ପ ଶିବିରର ନିଷ୍ପତି ଅନୁଯାୟୀ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆସନ୍ତାକାଲି ଜୁନ୍ ୧ ଓ ୨ ତାରିଖ ଦୁଇଦିନ ବ୍ୟାପି ନବ ସଂକଳ୍ପ ଶିବିର ଆୟୋଜିତ ହେବ । ଭୁବନେଶ୍ୱର ୟୁନିଟ-୪ ସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରସ୍ ସଭା ଗୃହରେ ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସ କମିଟି ନବ ନିଯୁକ୍ତ ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର, ଅଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଜି.ରୁଦ୍ର ରାଜୁ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ୧ ତାରିଖ ବୁଧବାର ବୈଠକରେ ସମସ୍ତ କଂଗ୍ରେସ ସାଂସଦ, ବିଧାୟକ, ପୂର୍ବତନ ସାଂସଦ ଓ ବିଧାୟକ, ପୂର୍ବତନ ପିସିସି ସଭାପତି, ୨୦୧୯ ସାଧାରଣ ନିର୍ବାଚନର ସାଂସଦ ଓ ବିଧାୟକ ପ୍ରାର୍ଥୀ, ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଏଆଇସିସି କର୍ମକର୍ତା ଓ ପୂର୍ବତନ କର୍ମକର୍ତା, ପିସିସି କର୍ମକର୍ତା, ଜିଲ୍ଲା କଂଗ୍ରେସ ସଭାପତି, ରାଜ୍ୟ ସାମୁଖ୍ୟ, ପ୍ରକୋଷ୍ଠ ଓ ବିଭାଗର ମୁଖ୍ୟମାନେ ଯୋଗଦେବେ । ସେହିଭଳି ୨ ତାରିଖ ଗୁରୁବାର ବୈଠକରେ ପୂର୍ବତନ ପିସିସି ସଭାପତି, ଏଆଇସିସି ସଂପାଦକ (ଓଡ଼ିଶା), ଜିଲ୍ଲା କଂଗ୍ରେସ ସଭାପତି, ବ୍ଲକ ଓ ନଗର କଂଗ୍ରେସ ସଭାପତି ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ବରିଷ୍ଠ ଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକ ପାଇଲେ ଧର୍ମପଦ ପୁରସ୍କାର

ଭୁବନେଶ୍ୱର, ୩୧।୫(ପି.ଏନ): ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଓଡ଼ିଶା ଲଳିତ କଳା ଏକାଡେମୀର ସର୍ବୋଚ୍ଚ 'ଧର୍ମପଦ' ପୁରସ୍କାର ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକଙ୍କୁ ୨୦୨୧ ବର୍ଷ ପାଇଁ 'ଧର୍ମପଦ' ପୁରସ୍କାର ପ୍ରଦାନ କରିଛନ୍ତି । ଶିଳ୍ପୀ ଶ୍ରୀ ପଟ୍ଟନାୟକଙ୍କୁ 'ଧର୍ମପଦ' ପୁରସ୍କାର ବାବଦରେ ୫ ଲକ୍ଷ ଟଙ୍କା, ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇଛି । ସେହିପରି ବିଶିଷ୍ଟ ଚିତ୍ରଶିଳ୍ପୀ ଶ୍ରୀମତୀ ଜ୍ୟୋର୍ତିମୟୀ ମହାନ୍ତି ,ବଳଦେବ ମହାରଥୀ, ଦୁର୍ଗାଚରଣ ପଣ୍ଡା, ପଂଚାନନ ସୁର ଓ ଭାସ୍କର୍ଯ୍ୟ ଶିଳ୍ପୀ ଦେବେନ୍ଦ୍ର ମିଶ୍ରଙ୍କୁ ଶିଳ୍ପୀ ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରାଯାଇଛି । ସେମାନଙ୍କୁ ୧ ଲକ୍ଷ ଟଙ୍କା, ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ କଳା ଓ କଳାକାରମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ବଦ୍ଧପରିକର । ଚିତ୍ରଶିଳ୍ପୀମାନଙ୍କର ସ୍ୱପ୍ନ ଚାରି ଏକାଡେମୀ ମାଧ୍ୟମରେ ସାଧିତ ହେବ ।



ଓଡ଼ିଶାର ଶିଳ୍ପୀମାନେ କେବଳ ଓଡ଼ିଶାର ସମ୍ପତି ନୁହନ୍ତି ସେମାନେ ସାରା ଭାରତର ସମ୍ପତି । ସର୍ବଭାରତୀୟ ସ୍ତରରେ ଓଡ଼ିଆ ଶିଳ୍ପୀମାନଙ୍କର କଳାକୃତିର ବହୁ ଚାହିଦା ରହିଛି । ଓଡ଼ିଶାର ସମସ୍ତ ଶିଳ୍ପୀ ସଫଳତାର ଶୀର୍ଷରେ ପହିଞ୍ଚି ପାରୁ ନାହାନ୍ତି । ତେଣୁ ମୁଖ୍ୟତଃ ଯୁବଶିଳ୍ପୀମାନଙ୍କ ପାଇଁ ଏକ ନିୟମିତ ରୋଜଗାର ବ୍ୟବସ୍ଥା କରିବାକୁ ବିଭାଗ ଚେଷ୍ଟା କରୁଛି । ଚିତ୍ର ଓ ମୂର୍ତ୍ତିଗୁଡ଼ିକର ଚାହିଦା ବଢ଼ିଲେ ହିଁ ଶିଳ୍ପୀମାନେ ଉପକୃତ ହେବେ । ସରକାର ଓ ବିଭାଗ ସହିତ ଆମ ସମସ୍ତଙ୍କର ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଅତିରିକ୍ତ ଶାସନ ସଚିବ ମଧୁସୂଦନ ପାଢ଼ୀ ଉଲ୍ଲେଖ କରିଛନ୍ତି ।୧୯୪୮ ମସିହାରେ ଖୋର୍ଦ୍ଧା ଜିଲ୍ଲାର ହରିପୁର ଶାସନରେ ଜନ୍ମଗ୍ରହଣ କରି ଚିତ୍ରକଳା ତଥା ଡିଜାଇନ୍‌ରେ ଶୀର୍ଷ ସ୍ଥାନରେ ଶ୍ରୀ ପଟ୍ଟନାୟକ ପହଂଚି ପାରିଛନ୍ତି । ସେ ଓଡ଼ିଶାର ବୁଣାକାରମାନଙ୍କୁ ନୂଆ ପଦ୍ଧତି, ନୂଆ ରଙ୍ଗ, ନୂଆ ନକ୍ସା ପ୍ରୟୋଗର ମାର୍ଗଦର୍ଶନ ଦେଇ ଅନୁପ୍ରାଣିତ କରି ଆସୁଛନ୍ତି । ଶିଳ୍ପୀ ଶ୍ରୀମତୀ ମହାନ୍ତି ଜଣେ କଳା ଶିକ୍ଷୟିତ୍ରୀ ଭାବରେ ଅନେକ ଉଚ୍ଚକୋଟୀର ଚିତ୍ର ଆଙ୍କିବା ସହିତ ଅନ୍ୟମାନଙ୍କ ଦ୍ୱାରା ଚିତ୍ର ଅଙ୍କନ କରାଇ ନାରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି । ଶ୍ରୀ ମହାରଥୀ ବି.କେ. ଚାରୁକଳା ମହାବିଦ୍ୟାଳୟରେ ଦୀର୍ଘ ଦିନ ଶିକ୍ଷାଦାନ ଦେଇ ଅନେକ ଶିଳ୍ପୀ ସୃଷ୍ଟି କରିବା ସହିତ ସମସାମୟିକ କଳା ପୃଷ୍ଠଭୂମିରେ ଜଣେ ଅଗ୍ରଣୀ ଚିତ୍ରଶିଳ୍ପୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ।

# ରାଜ୍ୟସଭା ପାଇଁ ନାମାଙ୍କନପତ୍ର ଦାଖଲ କଲେ ବିଜେଡିର ୪ ଜଣ ପ୍ରାର୍ଥୀ

ଭୁବନେଶ୍ୱର, ୩୧।୫(ପି.ଏନ): ବିଜେଡିର ୪ ଜଣ ପ୍ରାର୍ଥୀ ମଙ୍ଗଳବାର ଦିନ ରାଜ୍ୟର ଖାଲିଥିବା ୪ଟି ରାଜ୍ୟସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି । ପ୍ରାର୍ଥୀପତ୍ର ଦାଖଲ କରିଥିବା ୪ ପ୍ରାର୍ଥୀ ହେଲେ ସସ୍ମିତ ପାତ୍ର, ମାନସ ମଙ୍ଗରାଜ, ସୁଲତା ଦେଓ ଏବଂ ନିରଞ୍ଜନ ବିଶି ।ଏହି ପ୍ରାର୍ଥୀମାନେ ଦଳର ବରିଷ୍ଠ ବିଧାୟକଙ୍କ ଉପସ୍ଥିତିରେ ବିଧାନସଭା ସଚିବାଳୟ ପରିସରରେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ପ୍ରାର୍ଥୀପତ୍ର ଦାଖଲ ସମୟରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ପାଟଶାଣୀଙ୍କ ସମେତ କେତେକ ମନ୍ତ୍ରୀ ଓ ବିଧାୟକ ଉପସ୍ଥିତ ଥିବା ଦେଖିବାକୁ ମିଳିଛି । ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତରେ ଥିବାରୁ ନାମାଙ୍କପତ୍ର ଦାଖଲ ବେଳେ ଉପସ୍ଥିତ ରହିପାରିନ ଥିଲେ ।



# ଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶ: କେନ୍ଦ୍ରକୁ ସ୍ପଷ୍ଟୀକରଣ ପଠାଇଲା ଓଡିଶା, ସବୁ ଆପତ୍ତିକୁ ଫାଙ୍କିଦେଲେ

ଭୁବନେଶ୍ୱର,୩୧।୫(ପି.ଏନ): ଓଡିଶା ସରକାରଙ୍କ ଶ୍ରୀଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶ–୨୦୨୦କୁ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଉଠାଇଥିବା ଆପତ୍ତି ଉପରେ ଆଜି ଓଡିଶା ସରକାର ନିଜର ସ୍ପଷ୍ଟୀକରଣ ରଖିଛନ୍ତି । ରାଜ୍ୟ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଜି କେନ୍ଦ୍ର ଗୃହ ସଚିବଙ୍କୁ ଚିଠି ଲେଖି ଗୃହ ମନ୍ତ୍ରଣାଳୟ ଦ୍ୱାରା ଏହି ଅଧ୍ୟାଦେଶକୁ ନେଇ ୨୦୨୨ ମାର୍ଚ୍ଚ ୩ ତାରିଖ ଓ ୨୦ ତାରିଖରେ ଯେଉଁ ସବୁ ଆପତ୍ତି ଉଠାଯାଇଥିଲା ତାହା ଉପରେ ଆଜି ଓଡିଶା ସରକାର ନିଜର ପଏଣ୍ଟୱାରି ନିଜର ଆଭିମୁଖ୍ୟ ରଖିଥିବା ଦର୍ଶାଇଛନ୍ତି । ତେବେ ଏହି ଅଧ୍ୟାଦେଶର ବିଭିନ୍ନ ପ୍ରାବଧାନ କେନ୍ଦ୍ର ସରକାରଙ୍କ ଆମସାର ଆକ୍ଟ–୧୯୫୮ ଓ ଏଏଟି ଆକ୍ଟ–୧୯୭୨ର ବିରୋଧାଚରଣ କରୁଛି ବୋଲି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଯେଉଁ ଆପତ୍ତି ଉଠାଇଥିଲା , ତାକୁ ଓଡିଶା ସରକାର ସମ୍ପୂର୍ଣ୍ଣ ଫାଙ୍କି ଦେଇଛନ୍ତି । ଓଲଟା ଶ୍ରୀଜଗନ୍ନାଥ ମନ୍ଦିର ଆଇନ–୧୯୫୫କୁ କାର୍ଯ୍ୟକାରୀ କରାଯାଇ ଯେଭଳି ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିରର ନିତିକାନ୍ତି ଓ ଦର୍ଶନକୁ ସୁବ୍ୟବସ୍ଥିତ କରାଯାଇଛି, ସେଭଳି ପ୍ରାବଧାନ ଏହି ଅଧ୍ୟାଦେଶରେ ରହିଥିବାରୁ ଏହାକୁ ଅନୁମତି ଦେବାକୁ ଓଡିଶା ସରକାର ଯୁକ୍ତି ବାଢ଼ିଛନ୍ତି ।ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ, ଏହି ଶ୍ରୀଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶ–୨୦୨୦କୁ କାର୍ଯ୍ୟକାରୀ କରିବା ନିମନ୍ତେ ୨୦୨୨ ଏପ୍ରିଲ ୮ ତାରିଖରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଓ ୨୦୨୧ ଫେବୃୟାରୀ ୧୧ ତାରିଖରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଲ୍ୟାଣ୍ଡ ରିସୋର୍ସ ବିଭାଗରୁ ଅନାପତ୍ତି ପ୍ରମାଣପତ୍ର ମିଳିସାରିଛି । ସଂସ୍କୃତି ମନ୍ତ୍ରଣାଳୟ ଯେଉଁ ସବୁ ଆପତ୍ତି ଉଠାଇଥିଲା ତାକୁ ମଧ୍ୟ ଅନୁରୂପ ଭାବେ ସ୍ପଷ୍ଟୀକରଣ ଦିଆଯାଇ ସାରିଛି । ତେଣୁ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶକୁ ଲାଗୁ କରିବା ନିମନ୍ତେ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ରାଷ୍ଟ୍ରପତି ଦେବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରୀ ମହାପାତ୍ର କେନ୍ଦ୍ର ଗୃହ ସଚିବଙ୍କୁ ଅନୁରୋଧ କରିଛନ୍ତି । ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ପୂଜା ଓ ସେବାକୁ ସୁବ୍ୟସ୍ଥିତ କରିବା ନିମନ୍ତେ ଏହି ଅଧ୍ୟାଦେଶକୁ ଲାଗୁ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଏକାଦଶ ଶତାବ୍ଦୀର ମହାପ୍ରଭୁ ଲିଙ୍ଗରାଜ ମନ୍ଦିର କମ୍ପ୍ଲେକ୍ସରେ ୯ଟି ମନ୍ଦିର ଓ ୩ଟି ପୁଷ୍କରଣୀକୁ ଏବେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସଆଇ) ଦ୍ୱାରା ସଂରକ୍ଷିତ । ଏହି ପ୍ରାଚୀନ କୀର୍ତ୍ତିରାଜିକୁ ଆମସାର ଆକ୍ଟ–୧୯୫୮ର ପ୍ରାବଧାନ ଅନୁସାରେ ଜାତୀୟ ସଂରକ୍ଷିତ କୀର୍ତ୍ତିରାଜି ଭାବେ ପରିଗଣିତ ହେଉଛି । ଏଏସଆଇ ଏହି କୀର୍ତ୍ତିରାଜିର ସଂରକ୍ଷଣ ଓ ମରାମତି ଦାୟିତ୍ୱରେ ରହିଛି ।

# ମାଓ ଡରରେ ଘର ଛାଡ଼ିଥିବା ୨୦୦ ପରିବାର ଲୋକଙ୍କୁ ପୁନଃ ଥଇଥାନ ପ୍ରସଙ୍ଗ : ପ୍ରଶାସନ ସମ୍ପୂର୍ଣ୍ଣ ଭୁଲିଯାଇଥିବା ଅଭିଯୋଗ

ମାଲକାନଗିରି, ୩୧।୫(ପି.ଏନ): ଦଶବର୍ଷ ତଳେ ମାଓବାଦୀ ଧମକ ଦେଇ ଗାଁରୁ ତଡ଼ି ଦେଇଥିଲେ । ଜୀବନ ବଂଚାଇବା ପାଇଁ ପିଲାଛୁଆ ଧରି ଭିଟାମାଟି ଛାଡ଼ିଥିଲେ ସ୍ୱାଭିମାନ ଅଂଚଳର ୨୦୦ ପରିବାର । ଜୀବନ ବିକଳରେ ନିଜ ପରିବାର ସୁରକ୍ଷା ଚିନ୍ତାରେ ଚିତ୍ରକୋଣ୍ଡା, କୁଡୁମୁଲୁଗୁମ୍ମା ଓ କୋରୁକୋଣ୍ଡା ପଳାଇ ଆସି କାଟୁଥିଲେ ଏକ ପ୍ରକାର ଦୁର୍ବିସହ ଜୀବନ । ଇତିମଧ୍ୟରେ ୧୦ ବର୍ଷ ବିତିଲାଣି । ବିଚ୍ଛିନ୍ନାଚଂଳ ଚିତ୍ରକୋଣ୍ଡା ଏବେ ସ୍ୱାଭିମାନ ଅଂଚଳର ମାନ୍ୟତା ପାଇଛି । ଆଉ ସେଠି ନାହିଁ ମାଓ ଡର । ସେତୁ ସହ ବିଜୁଳି ସଂଯୋଗ ହୋଇଛି । ଚିତ୍ରକୋଣ୍ଡା ରୂପ ବଦଳାଇଥିବା ପ୍ରଶାସନ ଦାବି କରୁଛି ; କିନ୍ତୁ ହସଖୁସିରେ ଚଳୁଥିଲେ ସେମାନେ । କୃଷି କାର୍ଯ୍ୟ ସହ ଜଙ୍ଗଲରୁ ସଂଗୃହୀତ ଦ୍ରବ୍ୟ ବିକ୍ରିକରି ପରିବାର ପ୍ରତିପୋଷଣ କରୁଥିଲେ । ମୌଳିକ ସୁବିଧା ଅପହଂଚ ଥିଲା ସତ ; ତଥାପି ନିଜର କଳା, ସଂସ୍କୃତି ଓ ପରମ୍ପରାକୁ ନେଇ ନିଜ ଗ୍ରାମରେ ରହିଥିଲେ ଆଦିବାସୀ । ମାଓ ଦମନ ଲାଗି ଓଡ଼ିଶା ପୁଲିସ ଆନ୍ଧ୍ର ପୁଲିସ ସହାୟତାରେ ବୁଡ଼ି ଅଂଚଳରେ ପ୍ରବେଶ କରି ରାମାଗୁଡା ଠାରେ ୫୦ରୁ ଉର୍ଦ୍ଧ୍ୱ ମାଓବାଦୀଙ୍କୁ ନିହତ କରିଥିଲା । ଏହି ଘଟଣା ପରେ ରକ୍ତମୁଖା ଲାଲବାହିନୀ ସମସ୍ତଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବା ସହ ପୁଲିସ ସୂଚନାଦାତା ସନ୍ଦେହରେ ପ୍ରଜାକୋର୍ଟ କରି ସେମାନଙ୍କୁ ନିର୍ଯାତନା ଦେଲେ । ଅନେକଙ୍କୁ ପ୍ରଜାକୋର୍ଟରେ ମୃତ୍ୟୁଦଣ୍ଡ ଦିଆଗଲା । ଏଭଳି ଦୁଇଶହ ପରିବାରକୁ ମାଓବାଦୀ ଗାଁରୁ ତଡ଼ିଦେଲେ । ପ୍ରଜାକୋର୍ଟର ନିଷ୍ପତିରେ ଗାଁ ନ ଛାଡ଼ିଲେ ମୃତ୍ୟୁଦଣ୍ଡ ଭୟ ଏହି ୨୦୦ ପରିବାରକୁ ଭିଟାମାଟି ଛାଡିବାକୁ ବାଧ କଲା । ଇତିମଧ୍ୟରେ ଏହି ୨୦୦ ପରିବାରକୁ ପ୍ରଶାସନ ନିରାପତାର ସେଭଳି ଦୃଢ ପ୍ରତିଶ୍ରୁତି କିମ୍ବା ଆଶ୍ୱାସନା ଦେଇପାରୁନାହିଁ । ଦଶନ୍ଧି ତଳେ ଛାଡିଯାଇଥିବା ଭିଟାମାଟିକୁ ଫେରିପାରିନାହାନ୍ତି ସେମାନେ । ପ୍ରଶାସନ ସେମାନଙ୍କୁ ଥଇଥାନ ପାଇଁ ଭରସା ଦେଇପାରୁନି । ବିଲବାଡି ଥିବା ଏହି ପରିବାର କେବଳ ବାସ୍ତୁହରା ନୁହେଁ ; ଶ୍ରମିକ ପାଲଟିଯାଇଛନ୍ତି । ଭିଟାମାଟିକୁ ଫେରିଯିବା ପାଇଁ ଇଚ୍ଛା ହେଉଛି ; ତଥାପି ସେମାନେ ଭୟରେ ଗୋଡ଼ କାଢ଼ିପାରୁନାହାନ୍ତି । କାରଣ ଚିତ୍ରକୋଣ୍ଡା ବ୍ଲକର ଗୁରୁପ୍ରିୟା ପୋଲ ଅପରପାର୍ଶ୍ୱରେ ଥିବା ୧୫୨ଟି ଗ୍ରାମ ଏକଦା ବିଚ୍ଛିନ୍ନାଚଂଳ ଥିଲା । ମାଓବାଦୀଙ୍କ ଇସାରାରେ ସବୁକିଛି ଚାଲିଥିଲା । ଦୀର୍ଘ ୭୦ ବର୍ଷ ପୂର୍ବେ ଚିତ୍ରକୋଣ୍ଡା ନଦୀବନ୍ଧ ଯୋଜନା ଆରମ୍ଭ ବେଳେ ନଦୀ ଗର୍ଭରେ ରହିଯାଇଥିଲା ୯ଟି ପଚାଂୟତ ଯୋଡାମ୍ବ, ଅନ୍ଧ୍ରାପାଲି, ବଡପଡ଼ା, ବଡପଦର, ପଣସପୁଟ, ଯନ୍ତ୍ରୀ, ରାଲେଗେଡ଼ା, ପାପରମେଟଲା, ଧୂଳିପୁଟ ପଚାଂୟତ । ମାଓବାଦୀଙ୍କ ହିଂସା ସତ୍ୱେ ଭିଟାମାଟିରେ ହସଖୁସିରେ ବିତୁଥିଲା ଆଦିବାସୀଙ୍କ ଜୀବନ । ତତ୍କାଳୀନ ପୁଲିସ ପ୍ରଶାସନ ପ୍ରଥମ ପର୍ଯ୍ୟାୟରେ ଚିତ୍ରକୋଣ୍ଡାରେ ଥିବା ବିଦାୟୀ ଗୃହରେ ଅସ୍ଥାୟୀ ଭାବେ ଏମାନଙ୍କୁ ଥଇଥାନ କରିଥିଲା । ସରକାରୀ ସହାୟତା କହିଲେ ଗଣ୍ଡେ ଚାଉଳ ପ୍ରଦାନ କରାଯାଉଥିଲା । ସେବେଠାରୁ ବଂଚିବା ପାଇଁ ରାତି ପାହିଲେ ସଂଘର୍ଷ କରୁଛନ୍ତି ଏମାନେ । କେହି କେହି ଦାଦନ ଶ୍ରମିକ ଭାବେ ଆନ୍ଧ୍ର ଚାଲି ଯାଇ ସେମାନଙ୍କର ଖୋଜ ଖବର ନାହିଁ । ଆଉ କିଛି ପରିବାର କୁଡୁମୁଲୁଗୁମ୍ମା ଯାଇ ସେଠାରେ ଛୋଟିଆ ଘର ନିର୍ମାଣ କରି ରହିଥିଲେ । ତଥାପି ମାଓବାଦୀଙ୍କ ରାଗ ଶାନ୍ତ ପଡ଼ି ନ ଥିଲା । କୁଡୁମୁଲୁଗୁମ୍ମା ବ୍ଲକ ଅସ୍ଥାୟୀ କ୍ୟାମ୍ପ ଉପରେ ଆକ୍ରମଣ କରି ଦୁଇଜଣଙ୍କୁ ହତ୍ୟା କରିଥିଲେ । ଭୟ ଓ ଆତଙ୍କ ଭିତରେ ଆଜି ବି ଏହି ପରିବାର ଲୋକଙ୍କ ଦିନ ବିତୁଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଶାସନ ପକ୍ଷରୁ ଚିତ୍ରକୋଣ୍ଡା ଥାନା ପଛରେ କିଛି ସରକାରୀ ଜାଗା ପ୍ରଦାନ କରିବା ପରେ ଏଠାରେ ପ୍ରାୟ ୭୦ଟି ପରିବାର ବସବାସ କଲେ । କିନ୍ତୁ, ସେମାନେ ଏବେ ବି କର୍ମସଂସ୍ଥାନ ପାଇଁ ଭିଟାମାଟିକୁ ଝୁରୁଛନ୍ତି । ରାଜ୍ୟ ସରକାର ଚିତ୍ରକୋଣ୍ଡା ବିଚ୍ଛିନ୍ନାଚଂଳକୁ ସ୍ୱାଭିମାନ ଅଂଚଳ ଘୋଷଣା କଲେ । ଗୁରୁପ୍ରିୟା ସେତୁ ବିକାଶର କଥା କହିଲା । ଦୁର୍ଗମ ଅପହଂଚ ଇଲାକାକୁ ରାସ୍ତା ନିର୍ମାଣ ସହ ମାଓ ପ୍ରଭାବିତ ଅଂଚଳରେ ବିଏସଏଫ କ୍ୟାମ୍ପ ( ସୀମା ସୁରକ୍ଷା ବଳ ଶିବିର ) ପ୍ରତିଷ୍ଠା ହେଲା । ଲାଲବାହିନୀ ପଛଘୁଂଚା ଦେଲେ, ସୁରକ୍ଷା ସହ ବିକାଶର ଡିଣ୍ଡିମ ପିଟିଲେ ରାଜ୍ୟ ସରକାର; କିନ୍ତୁ ମାଓ ଡରରେ ଘର ଛାଡ଼ିଥିବା ଏହି ଲୋକଙ୍କୁ ପୁନଃ ଥଇଥାନକୁ ସମ୍ପୂର୍ଣ୍ଣ ଭୁଲିଯାଇଥିବା ଅଭିଯୋଗ ହୋଇଛି । ମାସକୁ ସରକାରୀ ସହାୟତା ସ୍ୱରୂପ ଟଙ୍କିକିଆ ଚାଉଳ ଓ କିଛି ଭତ୍ତା ଏମାନଙ୍କ ସାହାରା । ନୂଆଗୁଡାରେ ରହୁଥିବା ପ୍ରାୟ ୫୦ ପରିବାର ଅନ୍ଧାରରେ । ସେମାନଙ୍କୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ଯୋଗାଇ ଦିଆ ଯାଇନାହିଁ । ଚଳିତ ଥର ପ୍ରଥମ କରି ଏଠାରେ ପଚାଂୟତ ନିର୍ବାଚନ ହୋଇଥିବା ବେଳେ କିଛି ରାଜନେତା ଭୋଟ ଲକ୍ଷ୍ୟରେ ଏହି ଲୋକଙ୍କୁ ସ୍ୱତନ୍ତ୍ର ଗାଡ଼ି କରି ନେଇଥିଲେ ସେମାନଙ୍କ ଗ୍ରାମକୁ । ଦଶବର୍ଷ ପରେ ଭିଟାମାଟିରେ ପାଦ ଥାପି ଆତ୍ମହରା ହୋଇପଡ଼ିଥିଲେ ବିସ୍ଥାପିତ । ସେମାନଙ୍କ ଘର ଏବେ ଉଜୁଡ଼ି ଯାଇଥିବାବେଳେ ଜମି ଅନ୍ୟମାନେ ଅକ୍ତିଆର କରି ନେଇଥିବା ସେମାନେ ଅଭିଯୋଗ କରିଛନ୍ତି । ଦୁଃଖର କଥା ଭୋଟଦାନ ପରେ ଏମାନଙ୍କୁ ପୁଣି ଚିତ୍ରକୋଣ୍ଡା ଆଣି ଛାଡ଼ି ଦିଆଗଲା ସିନା ସେମାନଙ୍କୁ ଭିଟାମାଟିକୁ ଫେରାଇବାର ବନ୍ଦୋବସ୍ତ କରାଯାଇପାରିଲା ନାହିଁ । ନିର୍ବାଚନ ପୂର୍ବରୁ ସେମାନଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସହ ପୁନଃ ଥଇଥାନ ପାଇଁ ମାଳ ମାଳ ପ୍ରତିଶ୍ରୁତି ମିଳିଥିଲା । ଭୋଟ ପରେ ଏସବୁ କେଉଁଆଡ଼େ ମିଳାଇଗଲାଣି । ସେମାନଙ୍କୁ ଭିଟାମାଟି ଡାକୁଛି, ହେଲେ ପ୍ରତିଶ୍ରୁତି କିମ୍ବା ଭରସା ମିଳୁନି । ଏଣୁ ଦୁର୍ବିସହ ଜୀବନ ବିତାଉଥିବା ଏହି ୨୦୦ ପରିବାର ଏବେ ଚିନ୍ତାରେ ।ଏ ନେଇ ତହସିଲଦାର ପି.ପଦ୍ମନାଭ ଦୋରା କହିଛନ୍ତି ଯେ, ଯେଉଁମାନଙ୍କୁ ମାଓବାଦୀ ହତ୍ୟା କରିଛନ୍ତି ସେମାନଙ୍କ ପରିବାରକୁ ସରକାର ଆର୍ଥିକ ସହାୟତା ଦେବା ସହ ଭତା ଦେଉଛନ୍ତି । ପୁନର୍ବାସ ଥଇଥାନ ପାଇଁ ଆଇଟିଡିଏ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି । ବ୍ଲକ ପକ୍ଷରୁ ସେମାନଙ୍କୁ କର୍ମନିଯୁକ୍ତି କ୍ଷେତ୍ରରେ ଯଥେଷ୍ଟ ଧ୍ୟାନ ଦିଆଯାଇଛି । ପିଲାଙ୍କ ପାଠପଢ଼ା ପାଇଁ ମାଗଣା ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି । ବାସଗୃହ ପାଇଁ ଜାଗା ଦିଆଯାଇଛି । ଏତେ ସୁବିଧା ସୁଯୋଗ ସତ୍ୱେ ଯଦି କେହି ଗାଁକୁ ଯିବାକୁ ଇଚ୍ଛାବ୍ୟକ୍ତ କରନ୍ତି ସେ ଦିଗରେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି ।

## ନାବାଳିକାକୁ ଦୁଷ୍କର୍ମ ମାମଲା : ଦୋଷୀକୁ ୧୦ ବର୍ଷ ଜେଲ ଓ ଦଶ ହଜାର ଜରିମାନା

କନ୍ଧମାଳ, ୩୧।୫(ପି.ଏନ): ଏକ ୧୬ ବର୍ଷିୟା ନାବାଳିକା ସହିତ ଦୁଷ୍କର୍ମ ମାମଲାର ବିଚାରଣ କରି ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି, ସଞ୍ଜିବ କୁମାର ବେହେରା, ପୀଡିତାଙ୍କ ପକ୍ଷରୁ ୧୫ ଜଣ ଓ ଅଭିଯୁକ୍ତ ପକ୍ଷରୁ ଜଣେ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ, ପୀଡିତାଙ୍କ ବୟାନ ଓ ପ୍ରମାଣ ଆଧାରରେ ମାମଲାର ଅଭିଯୁକ୍ତ କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ଅଂଚଳର ଗଣ୍ଡାକାଠୀ ଗାଁର ସିଗ୍ନେ ବେହେରାକୁ ଦୋଷୀ ସାବ୍ୟସ୍ତ କରିବା ସହ ତାକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦୟେ ତାକୁ ଆଉ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ଦେଇଛନ୍ତି ବିଚାରପତି ।ସୂଚନା ଅନୁଯାୟୀ, ଗତ ଜୁନ୍ ୨୦ ତାରିଖ ୨୦୧୯ ଘଟଣା ଦିନ ପୀଡିତା (୧୬) ତାଙ୍କର ଘରେ ଏକୁଟିଆ ଥିବା ଜାଣି ଅଭିଯୁକ୍ତ ସିଗ୍ନେ ଅପରାହ୍ନ ୩ ଟା ବେଳେ ପିଡିତାଙ୍କ ଘରେ ପଶି ପୀଡିତାଙ୍କ ମୁହଁରେ ଗାମୁଛା ଦେଇ ତା ସହିତ ଦୁଷ୍କର୍ମ କରୁଥିଲା । ଏହି ସମୟରେ ପିଡିତାଙ୍କ ବାପା ହଠାତ୍ ଘରକୁ ଆସି ଏହା ଦେଖି ପାଟି କରିବାରୁ ଅଭିଯୁକ୍ତ ସେଠାରୁ ଖସି ଚାଲି ଯାଇଥିଲା । ପୀଡିତାଙ୍କ ବାପା ଏନେଇ ଗାଁ କମିଟିରେ ସଭା କରିଥିଲେ । ଏ ସଂକ୍ରାନ୍ତରେ ୨୪ ଜୁନ ୨୦୧୯ ରେ ପୀଡିତା ନିଜେ ଫୁଲବାଣୀ ସଦର ଥାନାରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ସଦର ଥାନା ପୋଲିସ ଏକ ମାମଲା ୫୪/୨୦୧୯ ରୁଜୁ କରିବା ସହ ଅଭିଯୁକ୍ତ ସିଗ୍ନେକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଆଜି ସେହି ମାମଲାର ବିଚାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ପିଡିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ କୁମାର ପ୍ରହରାଜ ମାମଲାର ପରିଚାଳନା କରିଥିଲେ ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଢ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢ଼ିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




## ଫୁଲବାଣୀ ଠାକୁରାଣୀ ଯାତ୍ରାରେ ବାଘ ବେଶର ମଜା ନେଉଛନ୍ତି ଦର୍ଶକ

କନ୍ଧମାଳ, (ପି.ଏନ): ବାଘ କେବଳ ଜଙ୍ଗଲରେ ନଚେତ ନନ୍ଦନକାନନରେ ଦେଖିବାକୁ ମିଳନ୍ତି । ଏବେ କିନ୍ତୁ ଠାକୁରାଣୀ ଯାତ୍ରା ଅବସରରେ ଫୁଲବାଣୀ ସହରର ବଜାରଠୁ ଆରମ୍ଭ କରି ସାହି ଗଳିକନ୍ଦିରେ ମାନସିକଧାରୀ ଭକ୍ତମାନେ ବାଘ ବେଶରେ ଦେଖିବାକୁ ମିଳିଥାନ୍ତି। ଫଳରେ ବାଘ ନାଚ ଦେଖିବା ଲାଗି ଲୋକଙ୍କ ଭିଡ଼ ମଧ୍ୟ ଜମିଥାଏ । ତେବେ ପିଲାମାନେ ସାହି କିମ୍ବା ଘରଦ୍ୱାରକୁ ବାଘ ବେଶ ଆସିଲେ ଭୟଭୀତ ହୋଇ କାନ୍ଦି କାନ୍ଦି ଘରେ କବାଟ ଦେଇ ରୁହନ୍ତି । ମା ମନେ ମଧ୍ୟ ବାଘ ଆସିଲାଣି କହି ଛୋଟ ପିଲାଙ୍କୁ ସହଜରେ ଖୁଆଇବା ସଂଗେ ସଂଗେ ଶୁଆଇ ଦେଉଛନ୍ତି। ବାଘ ବେଶ କେବଳ ମାନସିକଧାରୀ ମାନେ ହୁଅନ୍ତି । ବାଘ ବେଶ ପଡ଼ିବା ଏତଟା ସହଜ ନୁହେଁ। ଖର୍ଚ୍ଚ ମଧ୍ୟ ଅଧିକ ହୋଇଥାଏ ବୋଲି ବାଘ ବେଶ ପଡ଼ିଥିବା ହରିଜନ ସାହିର ଅନନ୍ତ ବେହେରା କହିଛନ୍ତି ।ସେ ଏଥର ବାଘ ବେଶକୁ ମିଶାଇ ୭ଥର ବାଘ ବେଶ ପଡି ସାରିଲେଣି ବୋଲି କହିଛନ୍ତି । ଖରାରେ ବେଶ ଧାରଣ, ବାଜାର ତାଳେ ତାଳେ ନାଚି ନାଚି ସହର ସାରା ବୁଲିବା ବହୁତ କଷ୍ଟସାଧ୍ୟ ବୋଲି କହିଛନ୍ତି ଅନନ୍ତ ।ବାଘ ବେଶ ପାଇଁ ଯାତ୍ରା ପରିଚାଳନା ନିକଟରେ ୧୩୦୦ ଟଙ୍କା ବାନ୍ଧି ପ୍ରଥମେ ରସିଦ କାଟିବାକୁ ପଡିଥାଏ । ସେହିପରି ବାଜା ପାଇଁ ଅତି କମରେ ୪ ଶହ ଟଙ୍କା, ଦେହରେ ପେଟିଂଙ୍ଗ କରିବାପାଇଁ ୨ ରୁ ୩ ହଜାର ଟଙ୍କା ଦେବାକୁ ପଡିଥାଏ। କେବଳ ସେତିକି ନୁହେଁ ସାଙ୍ଗରେ ବୁଲିବା ଲାଗି କିଛି ପିଲାଙ୍କୁ ଖାଇବା ଖର୍ଚ୍ଚ ସହ ହାତ ଖର୍ଚ୍ଚଦେଇ ନେବାକୁ ପଡିଥାଏ ।ଏହା ସହିତ ବେଶ ପଡ଼ିବାକୁ ହେଲେ ପ୍ରଥମେ ଦେହର ଲୋମ ସଫା କରିବାକୁ ପଡିବ । ତାପର ପ୍ରଥମେ ଧଳାକଲର ଓ ପରେ ହଳଦିଆ କଲରଲଗାଇ ବାଘପରି ଚିତ୍ର କରିବାକୁ ହୋଇଥାଏ । ଶେଷରେମୁହଁରେ ବାଘମୁଖା ଲଗାଇବାକୁ ପଡିଥାଏ। ବୁଲାବୁଲି କରିବା ପରେ ଶରୀର ସଫା କରିବାପରେ ବହୁତ କଷ୍ଟ ହେଉଥିବା ଅନନ୍ତ କହିଛନ୍ତି। ତେବେ ତାଙ୍କ ମାନସିକପୁରଣ ହୋଇଥିବାରୁ ସେ ଗଲା ୭ ବର୍ଷ ହେଲା ଯାତ୍ରାରେ ନିୟମିତ ଏଭଳିବାଘ ବେଶ ଧାରଣ କରୁଥିବା କହିଛନ୍ତି। ଫଳରେ ଅନ୍ୟ ବେଶରେ ଅଧିକା ମାନସୀକଧାରୀ ସହରରେ ବୁଲୁଥିବା ଦେଖିବାକୁ ମିଳିଥିବାବେଳେ ବାଘ ବେଶ ଲାଗି ବହୁତ କମ ହାତ ଗଣତି ମାନସିକଧାରୀ ଦେଖାଯାନ୍ତି । ଚଳିତବର୍ଷ ଯାତ୍ରାରେ ମାତ୍ର ୧୫ ଜଣ ମାନସିକଧାରୀ ବାଘ ବେଶ ପଡିଥିବା କମିଟି ସଦସ୍ୟଙ୍କ ସୂତ୍ରରୁ ଜଣାପଡିଛି।

### ଶୀତଳଷଷ୍ଠୀ ପାଇଁ ଜିଲା ପୋଲିସ ପ୍ରଶାସନର ପ୍ରସ୍ତୁତି ବୈଠକ

ସମ୍ବଲପୁର, (ପି.ଏନ): ଆସନ୍ତା ମାସରେ ହେବାକୁ ଥିବା ଶୀତଳଷଷ୍ଠୀ ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବାତୁଲା ଗଙ୍ଗାଧରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଦର ଏସଡିପିଓଙ୍କ ସମେତ ସମସ୍ତ ଥାନା ଗୁଡ଼ିକର ଭାରପ୍ରାପ୍ତ ନିରୀକ୍ଷକ ମାନେ ଉପସ୍ଥିତ ଥିଲେ । ଆହୁତ ଏହି ମିଳିତ ସମନ୍ୱୟ କମିଟି ବୈଠକରେ ଝାରପଡା, ନନ୍ଦପଡ଼ା, ମୋଦିପଡ଼ା, ସମେତ ଗୋଲବଜାର, ନନ୍ଦପଡା, ବଡବଜାର, ଠାକୁରପଡା, ବରେଇପାଲି, ବୁଢ଼ାରଜା, ମହାମାୟା ଏବଂ ସାକ୍ଷୀପଡା କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ । କରୋନା କଟକଣା ଯୋଗୁଁ ଗତ ଦୁଇ ବର୍ଷ ଧରି ନିରାଡମ୍ବରରେ ପାଳିତ ଏହି ଉତ୍ସବକୁ ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ସମସ୍ତଙ୍କ ଉତମ ସମନ୍ୱୟ ଜିଲ୍ଲା ଅଧୀକ୍ଷକ କାମନା କରିଥିଲେ ।

ଏହି ଅବସରରେ ଶୁଭକାମନା ଜଣାଇବା ସହ ପ୍ରତ୍ୟେକ ଛକ ଓ ମଣ୍ଡପ ଗୁଡିକରେ ଆଇନ ଶୃଙ୍ଖଳା ଯେପରି ବ୍ୟାହତ ନହୁଏ ସେଥିପାଇଁ ବ୍ୟାପକ ପୋଲିସ ମୁତୟନ ବ୍ୟବସ୍ଥା ସମ୍ପର୍କରେ ଶ୍ରୀ ଗଙ୍ଗାଧର ସୂଚନା ଦେଇଥିଲେ ।

### ଫୁଲବାଣୀର ସାମ୍ବାଦିକ ବୈଦ୍ୟନାଥଙ୍କ ମାତୃ ବିୟୋଗ

କନ୍ଧମାଳ, (ପି.ଏନ): ରବିବାର ଭୋରରୁ ଫୁଲବାଣୀ ସହରର ଜଣାଶୁଣା ସାମ୍ବାଦିକ ବୈଦ୍ୟନାଥ ନାୟକଙ୍କ ମା ମହରଗି ନାୟକଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ପାଖା ପାଖି ୭୫ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ, ମେଳାପୀ ମହିଳା ଥିଲେ । ତାଙ୍କ ମୃତ୍ୟୁରେ ଯିରୀଙ୍ଗପଡ଼ା ଅଂଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଶୁକଦେବ ନାୟକ, ଏକମାତ୍ର ପୁଅ ବୈଦ୍ୟ, ଓ ବୋହୁ ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ଶୁଣି ଜିଲା ପ୍ରେସ କ୍ଲବ ସଭାପତି ପହଂଚି ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସୁଜିତ ବେହେରା, ବୈଦ୍ୟନାଥ ବେହେରା, ବଳଦେବ ବେହେରା, ଶିକ୍ଷକ ନେତା ତଥା ସମାଜସେବୀ ଦୀନେଶ ବେହେରାଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ, ସମ୍ପର୍କୀୟ, ସାହି ବାସିନ୍ଦା ଉପସ୍ଥିତ ଥିଲେ। ଏହି ଦୁଃଖଦ ଖବର ପାଇବା ପରେ ପ୍ରେସ୍ କ୍ଲବର ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ଅଶୋକ ପରୀଡ଼ା, ବରିଷ୍ଠ ସାମ୍ବାଦିକ ଡ. ଅରୁପ କୁମାର ଜେନା, ଉପସଭାପତି ସତ୍ୟନାରାୟଣ ବେହେରା, ସୁନୀଲ ବିଶ୍ୱାଳ, ସାମ୍ବାଦିକ ବିରେନ୍ଦ୍ର ସୁବୁଦ୍ଧି, ତ୍ରିନାଥ ସାହୁ, ଅଜିତ୍ ମହାରଣା, ବୈଦ୍ୟନାଥ ବେହେରା, ଆଦିତ୍ୟ ତ୍ରିପାଠି, ସନ୍ତୋଷ ମିଶ୍ରଙ୍କ ସମେତ ସମସ୍ତ ଗଣମାଧ୍ୟମର ପ୍ରତିନିଧି ମାନେ ଶୋକ ବ୍ୟକ୍ତ କରିଛନ୍ତି।

## ନୂଆପଡା ଜିଲ୍ଲା ଆଂଚଳିକ ଆୟୁର୍ବେଦ ପରିଷଦର ନୂତନ କର୍ମକର୍ତ୍ତା ଚୟନ

ନୂଆପଡ଼ା, (ପି.ଏନ): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଜୁନାନୀ ଗ୍ରାମ ସ୍ଥିତ ସନ୍ତୋଷୀ ମନ୍ଦିର ପରିସରରେ ନୂଆପଡା ଜିଲ୍ଲା ଆଂଚଳିକ ଆୟୁର୍ବେଦ ପରିଷଦର ଏକ ବୈଠକ ସୂର୍ଯ୍ୟକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନୂଆପଡା ଜିଲ୍ଲାର ବିଭିନ୍ନ ଗ୍ରାମରୁ ପ୍ରାୟ ୫୦ ଜଣ ପାରମ୍ପରିକ ବୈଦ୍ୟ ଓ ଶାସ୍ତ୍ରୀୟ ବୈଦ୍ୟ ଯୋଗଦାନ କରିଥିଲେ । ଆୟୁରବେଦର ଜନକ ପୂଜ୍ୟ ଧନନ୍ତରିଙ୍କ ପୁଜାର୍ଚ୍ଚନା ପରେ ଏହି ସଂଗଠନର ଭୁତପୁର୍ବ ସଭାପତି ସ୍ୱର୍ଗୀୟ ପ୍ରଭାକର ବାରିକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗୀୟ ବାରିକଙ୍କ ଅନ୍ତେ ଅଚଳ ପଡିଥିବା ଏହି ସଂଗଠନକୁ ତ୍ୱରାନିତ୍ୱ କରିବା ସହ ସଂଗଠନକୁ କିପରି ମଜବୁତ କରାଯିବ ସେ ଉପରେ ଆଲୋଚନା ହୋଇଥିଲା । ପରେ ନୂତନ କମିଟୀ ଚୟନ କରାଯାଇଥିଲା ।ସଭାପତି ଭାବରେ ସୁର୍ଯ୍ୟକାନ୍ତ ରାଉତ, ଉପ ସଭାପତି ଭାବରେ ବ୍ୟୋମକେଶ ବାରିକ, ସାଧାରଣ ସମ୍ପାଦକ ଲଇବାନ ବାଗ, ସହ ସମ୍ପାଦକ ଡୋଲାନନ୍ଦ ମାଝି, କୋଷାଧ୍ୟକ୍ଷ ଚନ୍ଦନ ବାରିକ, ସାଙ୍ଗଠାନିକ ସମ୍ପାଦକ ଓଙ୍କାର ମାଝି, ଉପଦେଷ୍ଟା ମଣ୍ଡଳରେ ଆଇନଜିବୀ ସତ୍ୟବାନ ଭୋଇ, ବୈଦ ଜଗସନ ମାଝୀ, ଚୈତନ୍ୟ ନାଗ ଓ ରାଜମନ ମାଝୀ ତଥା ପ୍ରତ୍ୟେକ ବ୍ଲକର ଗୋଟିଏ ଲେଖାଏଁ ଯୋଗେଶ୍ୱର ବାଗ, କେଶବ ପ୍ରସାଦ ବାଗ, କୁନୁ ହଂସ ଓ ସୁଦାମ ବଉକଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବରେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଶେଷରେ ଲକ୍ଷ୍ମଣ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବଲାଙ୍ଗିର ଟାଉନ ହଲ୍ କାର୍ଯ୍ୟକ୍ଷମ ହେଉ

ବଲାଙ୍ଗିର,(ପି.ଏନ): ବଲାଙ୍ଗିରରେ ଏକମାତ୍ର ସାନସ୍କୃତିକ ଗତିବିଧି ଓ ସଭାସମିତି ଇତ୍ୟାଦି ଲୋକଙ୍କ ବ୍ୟବହାର ପାଇଁ କରାଯାଇଥିବା ମୁନିସିପାଲଟି ଦ୍ୱାରା ପରିଚାଳିତ ବଲାଙ୍ଗିର ଟାଉନ ହଲ ଦୀର୍ଘଦିନ ହେଲା ବନ୍ଦ ହୋଇ ପଡିରହିଛି। କରୋନା କାଳରେ ସମଗ୍ର ଦେଶରେ ସାମାଜିକ କାର୍ଯ୍ୟକ୍ରମ ଗୁଡିକୁ ବନ୍ଦ କରାଯାଇଥିବା ଯୋଗୁଁ ପ୍ରାୟତଃ ଭିଡ଼କୁ ବାରଣ କରାଯାଉଥିଲା, ତେଣୁ ସଭା ସମିତି ଭିଡ଼ ସଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକୁ ବନ୍ଦ କରାଯାଇଥିବା ଯୋଗୁଁ ଏହାର ଆବଶ୍ୟକତା ନଥିଲା। ଅନ୍ୟପକ୍ଷରେ ଏହି ଟାଉନ ହଲକୁ ମୁନିସିପାଲଟି ତାଙ୍କର ଗୋଦାମ ଘର ରୂପେ ବ୍ୟବହାର କରି ତାଙ୍କର ଜିନିଷ ପତ୍ର ଗୁଡିକୁ ଏଠାରେ ଭରି ରଖିଥିବା ଯୋଗୁଁ ଏହା ବ୍ୟବହାର ଉପଯୋଗୀ ହୋଇ ପାରୁ ନାହିଁ। କ୍ରମ ବର୍ଦ୍ଧିଷ୍ଣୁ ବଲାଙ୍ଗିର ସହରରେ ଅନ୍ୟ ବ୍ୟବସ୍ଥା ନଥିବା ଯୋଗୁ ସାଧାରଣରେ ଅନେକ ଅସୁବିଧା ହେଉଥିବା ଯୋଗୁଁ ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

### ଦେଢଶୁରର ଖଣ୍ଡା ଚୋଟରେ ସାନଭାଇ ଓ ଭାଇ ବୋହୂ ଗୁରୁତର

ଘସିପୁରା, (ପି.ଏନ); ଶୁଦ୍ଧିକ୍ରିୟାକୁ କେନ୍ଦ୍ର କରି ଦେଢଶୁରର ଖଣ୍ଡା ଚୋଟରେ ସାନଭାଇ ଓ ଭାଇବୋହୂ ଉଭୟ ଗୁରୁତର ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତି ହୋଇଥିବା ଜଣାପଡ଼ିଛି ।ସୂଚନାରୁ ଜଣାଯାଏ, ଘସିପୁରା ଥାନା ଅନ୍ତର୍ଗତ କଅଁସ କେନ୍ଦୁଆ ଗାଁର ଅମର ପାତ୍ରଙ୍କ ବଡ ବାପା ବାଇଧର ପାତ୍ରଙ୍କର କିଛି ଦିନ ତଳେ ମୃତ୍ୟୁ ହୋଇଯାଇଛି ।

## ୪ ପିତୃମାତୃ ହୀନ ପିଲା ପିଏମ୍ କେୟାର୍ସରେ ସାମିଲ

ପୁରୀ, (ପି.ଏନ):କୋଭିଡ ସଂକ୍ରମଣ ଓ ତଦ୍ ଜନିତ ପ୍ରଭାବରୁ ପୁରୀ ଜିଲ୍ଲାରେ ୪ ଜଣ ନାବାଳକ ପିତୃ ମାତୃ ହୀନ ହୋଇଥିଲେ। ଏହି ପିଲାମାନଙ୍କୁ ଭାରତ ସରକାରଙ୍କ ପି ଏମ୍ କେୟାର୍ସ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇ ଦେବା ପାଇଁ ୧୦ ଲକ୍ଷ ଟଙ୍କାର କର୍ପସ ପାଣ୍ଠିର ବ୍ୟବସ୍ଥା କରାଯାଇଛି। ସୋମବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ଭିଡିଓ କନଫରେନ୍ସ ହଲରେ ଏହି ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଯୋଗ ଦେବା ସହ ୪ ପିଲାଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍, ପି ଏମ୍ କେୟାର୍ସ ପାଶ୍ ବୁକ, ସାର୍ଟିଫିକେଟ ବା ସ୍ନେହ ପତ୍ର, ଓ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରିଥିଲେ। ପିଲା ମାନଙ୍କୁ ୧୮ ବର୍ଷ ହେବା ପରେ ସେମାନେ ଏହି ପାଣ୍ଠିର ଉପଯୋଗ କରିପାରିବେ ଓ ୨୩ ବର୍ଷ ପରେ ଏହି ପାଣ୍ଠିର ପୂର୍ଣ୍ଣ ସହାୟତା ଗ୍ରହଣ କରିପାରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ସୂଚନା ଦେଇଥିଲେ। ଅପରପକ୍ଷରେ କୋଭିଡ ପିତୃ ମାତୃ ହୀନ ଶିଶୁଙ୍କ ବ୍ୟତୀତ ଆହୁରି ୧୪ ଜଣ ଶିଶୁ ବିଭିନ୍ନ କାରଣରୁ ଏହି ସମୟ ମଧ୍ୟରେ ପିତାମାତାଙ୍କୁ ହରାଇଛନ୍ତି। ୯୧୩ ଜଣ ଶିଶୁ ଜଣେ ଅଭିଭାବକ ଯିଏକି ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ଅଟନ୍ତି ତାଙ୍କୁ ହରାଇଛନ୍ତି ବୋଲି ସୂଚନା ଦେଇ ଏହି ସମସ୍ତ ପିଲାଙ୍କୁ ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରେ ସାମିଲ କରାଯାଉଛି ବୋଲି ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସୂଚନା ଦେଇଥିଲେ। ଏହି ଯୋଜନା ଅନ୍ତର୍ଗତ ସେମାନଙ୍କୁ ସିଧାସଳଖ ମାସିକ ଆର୍ଥିକ ସହାୟତା ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାରିବାରିକ ସମୃଦ୍ଧିକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ପ୍ରାରମ୍ଭରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ପିତାମାତାଙ୍କ ସ୍ଥାନ କେହି ପୂରଣ କରିପାରିବେ ନାହିଁ ବୋଲି କହିବା ସହ ପିତୃ ମାତୃ ହୀନ ପିଲା ମାନଙ୍କୁ ଆଗକୁ ବଢିବା ଓ ସେମାନଙ୍କ ଭବିଷ୍ୟତ ସୁରକ୍ଷା ରଖିବା ପାଇଁ ପି ଏମ୍ କେୟାର୍ସ ସହାୟତା କରିବ ବୋଲି କହିଥିଲେ ।ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ସ୍ମୃତି ଜୁବିନ ଇରାନୀ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସ୍ତରରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ଅଧିକାରୀ ବିଶ୍ୱନାଥ ପଣ୍ଡା, ପି ଓ ଏନ୍ ଆଇସି ସ୍ନିଗ୍ଧାରାଣୀ ସାହୁ, ଆଇନ ପରାମର୍ଶଦାତା ସନ୍ତୋଷ କୁମାର ସାହୁ, କାଉନସେଲର ରୋଜାଲିନ ପାତ୍ର, ଅକ୍ଷୟ କୁମାର ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ।

## ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ଘସିପୁରା, (ପି.ଏନ): କରୋନା ମହାମାରୀ ସଂକ୍ରମଣ ହଟିବା ପରେ ଚଳିତବର୍ଷ ସାବିତ୍ରୀ ବ୍ରତ ମନ୍ଦିର ମାନଙ୍କରେ ପାଳିତ ହୋଇଥିବା ଜଣାପଡ଼ିଛି । ସରକାର ସାମାଜିକ ଦୂରତ୍ୱ ନିୟମ ବଜାୟ ରଖିବା ପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି । ପ୍ରଶାସନ ଓ ସରକାରୀ ଅଧିକାରୀ ମାନେ ବାରମ୍ବାର ଏନେଇ ସଚେତନ କରାଉଥିବା ବେଳେ ଚଳିତବର୍ଷ କରୋନା କଟକଣା କେହଳ ଦେଖିବାକୁ ମିଳିଛି । ଏନେଇ ସାବିତ୍ରୀ ମାନଙ୍କ ମଧ୍ୟରେ ବେଶ ଆନନ୍ଦ ଉଲ୍ଲାସର ବାତାବରଣ ଦେଖାଯାଇଛି । ଆଜି ସାବିତ୍ରୀ ବ୍ରତ ଥିବାରୁ ଆନନ୍ଦପୁର ଉପଖଣ୍ଡ ଓ ପୌର ପରିଷଦରେ ଥିବା ସମସ୍ତ ମଠ ମନ୍ଦିରରେ ସଧବା ନାରୀ ମାନଙ୍କ ଭିଡ ଜମିଥିଲା। ସମସ୍ତ ମଠ ମନ୍ଦିର ସମ୍ମୁଖ ସାବିତ୍ରୀ ବ୍ରତଧାରୀ ମହିଳା ମାନେ ମନ୍ଦିରରେ ପୁଜା କରି ଆନନ୍ଦରେ ଫେରୁଥିବାର ଦେଖିବାକୁ ମିଳିଥିଲା। ଆନନ୍ଦପୁର ଦଧିବାମନ ମନ୍ଦିର, ଝାଡେଶ୍ୱର ମନ୍ଦିର, ଦେଓଗାଁ କୁଶଳେଶ୍ୱର ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି ।ଆଜି ଝାଡେଶ୍ୱର ମନ୍ଦିରରେ ସାବିତ୍ରୀ ବ୍ରତଧାରୀ ମାନେ ମନ୍ଦିର ପରିସରରେ ବ୍ରତ ପାଳନ କରିବା ସହିତ ପୂଜକ ସୁଦାମ ଚରଣ ପଣ୍ଡା ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ବିଭିନ୍ନ ଅଂଚଳରୁ ଦୀପା ପଣ୍ଡା, ଲକ୍ଷ୍ମିପ୍ରିୟା ବାରିକ, ଆରତୀ ମହାକୁଡ, ସବିତା ସାହୁ, ପ୍ରତିମା ସାହୁ ସସ୍ମିତା ପତି, ଶୁଭଲକ୍ଷ୍ମୀ ସାହୁ, ପ୍ରମୁଖ ଏକ ଶହରୁ ଉର୍ଦ୍ଧ ସାବିତ୍ରୀ ବ୍ରତଧାରୀ ମାନେ ଉପସ୍ଥିତ ରହି ସାବିତ୍ରୀ ବ୍ରତ ପାଳନ କରିଥିଲେ ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

## ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ୱଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା । ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।




## ସଂଗୀତ ଓ ସମ୍ବର୍ଦ୍ଧନାର ଯୁଗଳବନ୍ଦୀ 'ପ୍ରଣବ ପ୍ରଣାମ'

ଭୁବନେଶ୍ୱର (ପିଏନ୍)-ରେ ଆମ୍ବ ନିଦ୍ରା ପରିହରି,ମାଝିରେ ଶେଷ ଶ୍ରାବଣ,ମା ତୁମେ ଜଗତର ସାହା ଭରଷା, ଏମିତି ରାତି ସେ ଯେ ଅଭୁଲା ସ୍ମୃତି,ଜୀବନ ଏକ ନାଟକ,ଇନ୍ଦ୍ରଧନୁର ସପ୍ତରଙ୍ଗୁ ଆଦି ଓଡ଼ିଆ ସଂଗୀତ ଜଗତକୁ ଅଂସଖ୍ୟ ମନଛୁଆଁ ଓ ଭାବପୂର୍ଣ୍ଣ ସଂଗୀତରେ ସମୃଦ୍ଧ କରିଥିବା ସଂଗୀତର ସମ୍ମୋହନ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀର ପୂର୍ବସଂଧ୍ୟାରେ ଅନୁଷ୍ଠିତ ହେଉଥିବା ତଥା ଚଳିତ ବର୍ଷ ମହାମାରୀ ପାଇଁ ସ୍ଥଗିତ ଥିବା ପ୍ରଣବ ସଂଗୀତ ଓ ସମ୍ବର୍ଦ୍ଧନାର ସ୍ୱତନ୍ତ୍ର ଅର୍ଘ୍ୟ 'ପ୍ରଣବ ପ୍ରଣାମ' ସଂଭାବନା ପକ୍ଷରୁ ଷୋଡଶ ବର୍ଷ ପାଇଁ ଆୟୋଜିତ ହୋଇଯାଇଛି। ଏହି କିମ୍ବଦନ୍ତୀ ଗାୟକଙ୍କ ସମ୍ମାନରେ ଆୟୋଜିତ ସଂଗୀତ ଓ ସମ୍ବର୍ଦ୍ଧନାର ଏହି କାର୍ଯ୍ୟକ୍ରମ, ସଂଭାବନାର ତ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଆରମ୍ଭ ହୋଇଥିଲା। ଇପ୍ସିତା ମହାନ୍ତିଙ୍କ ସ୍ୱରରେ ସୁନା ସଂସାର ଚଳଚ୍ଚିତ୍ରର ସଂଗୀତ, ହେ ଦୁଃଖହାରୀରୁ ଆରମ୍ଭ ହୋଇଥିଲା ସଂଗୀତ ସଂଧ୍ୟା। ପରେପରେ କଣ୍ଠଶିଳ୍ପୀ ସିଦ୍ଧାନ୍ତଙ୍କ ସ୍ୱରରେ ଉର୍ମି ଅଧିରା, ପୁଣ୍ୟତାଙ୍କ କଣ୍ଠରେ ମୁଁ ଯେ ଅମୃତ ସାଗର ବିନ୍ଦୁ ପରିବେଷିତ ହୋଇଥିଲା। ସେହିଭଳି ଜଣାଶୁଣା ଶିଳ୍ପୀ ସୁଶାନ୍ତ ପଣ୍ଡା ଗାଇଥିଲେ ଜୀବନ ଏକ ନାଟକ ଓ ଉଆଁସ ରାତି ପାହିଲା ମାଝି ଭଳି ଜନପ୍ରିୟ ଗୀତ। ପୁଣି ଛନ୍ଦା ମିଶ୍ରଙ୍କ ଗାୟନରେ ଇନ୍ଦ୍ରଧନୁର ସପ୍ତରଙ୍ଗୁ ଓ ଏମିତି ରାତି ବେଶ୍ ଆବେଗିତ କରିଥିଲା ପ୍ରଣବ ପ୍ରେମୀଙ୍କୁ। ଅର୍ଣ୍ଣବଙ୍କ ସ୍ୱରରେ ହାଏ ସେ ହରିଣୀ ଆଖି ଓ ମାଝିରେ ଶେଷ ଶ୍ରାବଣ ଝଙ୍କୃତ ହୋଇଥିଲା। ସେହିପରି ପ୍ରଭାସ କୁମାର ସାହାଣୀ ପରିବେଷଣ କରିଥିଲେ ପୁଣି ସେଇ ଶ୍ରାବଣରେ ପରି ପ୍ରଣୟ ସଂଗୀତ। ପରେ ପରେ ଏଇ ଜୀବନଟା ଏକ ନାଟକ,ଏ ନୁହେଁ କାହାଣୀ,ଏକ ରାଧା ଶ୍ୟାମ ସାଥେ,ମା ତୁମେ ଜଗତର ସାହା ଭରଷା,ଝୁମି ଝୁମି ନିଶାରେ ଆଦି ଏକକ ସଂଗୀତ ସହିତ ଶିଳ୍ପୀମାନଙ୍କ ସ୍ୱରରେ ପରିବେଷିତ ହୋଇଥିଲା ଯଉବନରୁ ଅପରାଧ,ନୀଳ ଆଖି ନୀଳ ଜଳେ ଭାସନା,ରୂପସୀ ରାଣୀ ଗୋ ପରି କିଛି ଲୋକପ୍ରିୟ ଦ୍ୱୈତ ସଂଗୀତ। ସଂଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ସ୍ୱୟଂ ପ୍ରଣବଙ୍କ କଣ୍ଠରେ ରେ ଆମ୍ବ ଓ ସୀମାହୀନ ଦରିଆ ଭଳି କିଛି କାଳଜୟୀ ସଂଗୀତ ପରିବେଷଣ। ଚଳିତ ପ୍ରଣବ ପ୍ରଣାମ ସଂସ୍କରଣଟି ସମର୍ପିତ ହୋଇଥିଲା ନିକଟରେ ପରଲୋକ ଗମନ କରିଥିବା ପ୍ରଖ୍ୟାତ ସଂଗୀତଜ୍ଞ ପ୍ରଫୁଲ୍ଲ କରଙ୍କୁ। ତାଙ୍କ ନିର୍ଦ୍ଦେଶିତ କିଛି ପ୍ରଣବ ସଂଗୀତ ମାଧ୍ୟମରେ ପ୍ରଫୁଲ୍ଲଙ୍କୁ ଶ୍ରଦ୍ଧାଳି ବାଢିଥିଲେ ସଂଭାବନାର ଶିଳ୍ପୀମାନେ। ଉଦ୍‌ଘାଟକ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ସମ୍ବର୍ଦ୍ଧନାର ଉତ୍ସବରେ ସଂପାଦକ ଦେବପ୍ରସାଦ ପରିଜା ଉତ୍ସବର ପୃଷ୍ଠଭୂମି ସଂପର୍କରେ କହିଥିଲେ। ପ୍ରମୁଖ ଅତିଥି ଓଡିଶା ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ରାଜୀବ ଶେଖର ସାହୁ,୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ରଶ୍ମି ସାହୁ, ୨୦୨୨ର ଶ୍ରେଷ୍ଠ ଓଡ଼ିଆଣୀ ବେବିରାଣୀ ଦାସ ଭାବବିହ୍ୱଳ ପରିବେଶ ମଧ୍ୟରେ ପୁଷ୍ପଗୁଚ୍ଛ ତଥା ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ପ୍ରଣବ କିଶୋର ପଟ୍ଟନାୟକଙ୍କୁ। ଏହି ଅବସରରେ ରୁଚିସମ୍ପନ୍ନ ଓ ଜନପ୍ରିୟ ସଂଗୀତ ଗାୟନ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବିଶିଷ୍ଟ ସଂଗୀତ ଶିଳ୍ପୀ ଇନ୍ଦ୍ରାଣୀ ମିଶ୍ରଙ୍କୁ ଚତୁର୍ଦ୍ଦଶ 'ପ୍ରଣବ ପରମ୍ପରା ସମ୍ମାନ'ରେ ସମ୍ବର୍ଦ୍ଧିତ କରିଥିଲେ ସ୍ୱୟଂ ପ୍ରଣବ ପଟ୍ଟନାୟକ। ସଂଭାବନା ଓଡ଼ିଆଣୀ ସମିତି ଶ୍ରୀଯୁକ୍ତ ପଟ୍ଟନାୟକଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏହି ଅବସରରେ ପ୍ରଣବ ସଂଗୀତ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସଭ୍ୟା ରାଜଶ୍ରୀ ଶତପଥି, ସତ୍ୟବ୍ରତ ମହାପାତ୍ର, ଗୁରୁ ପ୍ରସାଦ ଦାସ, ପ୍ରଫୁଲ୍ଲ ଦେ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ଅଖାଦ୍ୟ ବାଣ୍ଟୁଛନ୍ତି ସରକାର

ଭୁବନେଶ୍ୱର (ପିଏନ୍): ନିକଟରେ ପ୍ରକାଶ ପାଇଥିବା ପ୍ରିତୀ ଗୁଲ୍ଲାଙ୍କ ରିପୋର୍ଟ ସମଗ୍ର ଖାଉଟିମାନଙ୍କୁ ଗଭୀର ଚିନ୍ତାରେ ପକାଇଛି। ଏପ୍ରିଲ ମାସରେ ଖାଦ୍ୟ ଓ ସାଧାରଣ ବିତରଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରିତୀ ଗୁଲ୍ଲାଙ୍କ ଗଠିତ ଯାଞ୍ଚ ରିପୋର୍ଟରେ ରାଜ୍ୟରେ ୯ଟି ଜିଲ୍ଲାର ନମୁନା ଯାଞ୍ଚରୁ ଜଣାପଡିଛି ଯେ ୯୧ ପ୍ରତିଶତ ସରକାରୀ ବଣ୍ଟନରେ ମିଳୁଥିବା ଚାଉଳ ନିମ୍ନମାନର, ଏଥିରୁ ୩ଟି ସ୍ଥାନରେ ଥିବା ଚାଉଳ ମଣିଷ ଖାଇବା ପାଇଁ ଅନୁପଯୁକ୍ତ ଏହା କେବଳ ଗୋଖାଦ୍ୟ କରାଯାଇପାରେ, ଏପରିକି ଯେଉଁ ବସ୍ତା ଗୋଦାମର ଯେଉଁ ଚାଉଳ ରହିଛି ସେହି ବସ୍ତା ଗୁଡିକ ମଧ୍ୟ ପୁରୁଣା ଏବଂ ଚାଉଳ ରଖିବା ପାଇଁ ଅନୁପଯୁକ୍ତ। ଏହି ଚାଉଳ ପି.ଡି.ଏସ୍., ଆଇ.ସି.ଡି.ଏସ୍. ଓ ସ୍କୁଲରେ ମଧ୍ୟାହ୍ନ ଭୋଜନ ପାଇଁ ଦିଆଯାଉଛି। ଆମ ରାଜ୍ୟର ପି.ଡି.ଏସ୍. ଉପଭୋକ୍ତା (ଅତି ଗରିବ ଲୋକ) ଆଇ.ସି.ଡି.ଏସ୍. ଉପଭୋକ୍ତା (ରାଜ୍ୟର ଶିଶୁ ଓ ବାଳିକା, କିଶୋରୀ ବାଳିକା, ଗର୍ଭବତୀ ମହିଳା ବାଳିକା) ମଧ୍ୟାହ୍ନ ଭୋଜନ (ସ୍କୁଲର ଛାତ୍ରଛାତ୍ରୀ)ରେ ଉପକୃତ ହେଉଛନ୍ତି ବୋଲି ସରକାର ଡିଣ୍ଡିମ ପିଟିବାରେ ଲାଗିଛନ୍ତି। ଏହି ଯାଞ୍ଚ ରିପୋର୍ଟ ସରକାରଙ୍କ ହସ୍ତଗତ ହେବା ପରେ ଏହାର ନିରାକରଣ ଦିଗରେ ସରକାର, ପ୍ରଶାସନ ନିରବ ଥିବା ବେଳେ ସମଗ୍ର ରାଜ୍ୟରେ ଏହି କାରବାରକୁ ରୋକି ରାଜ୍ୟବାସୀଙ୍କୁ ଆଶ୍ୱସ୍ତ ନକରିବା ଫଳରେ ଲୋକଙ୍କ ମଧ୍ୟରେ ଭୟ, ଶଙ୍କା ଓ ଅସନ୍ତୋଷ ବଢି ଚାଲିଛି। ସି.ପି.ଆଇ.(ଏମ୍) ତୁରନ୍ତ ଅଖାଦ୍ୟ ଚାଉଳକୁ ଷ୍ଟକ୍‌ରୁ ହଟାଇ ଉପଯୁକ୍ତ ଚାଉଳ ଯୋଗାଇବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଜିଲ୍ଲାର ଗୋଦାମ ଚଢାଉ କରି ଯେଉଁମାନେ ଏହି କାରବାରରେ ଲିପ୍ତ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୃଢ ଦାବୀ କରୁଛି। ସରକାର, ପୋଷ୍ୟ ଚାଉଳ ବଣ୍ଟନ କରି ସାଧାରଣ ଲୋକଙ୍କ ବିଶ୍ୱାସ ଭାଜନ ହେବ ବୋଲି ଆଶା କରୁଛି।

# ଅଗ୍ନି ବର୍ଷାରେ ପ୍ରଭାବିତ କୋଣାର୍କ !



କୋଣାର୍କ (ପିଏନ୍): ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ସୂର୍ଯ୍ୟମନ୍ଦିର ସମୁଦ୍ରକୂଳରେ ଅବସ୍ଥିତ ହୋଇଥିଲେ ମଧ୍ୟ ସୂର୍ଯ୍ୟଙ୍କ କୋପରୁ ବର୍ତ୍ତିଯାଇନାହିଁ। କୋଣାର୍କ ଏନଏସି ଓ ଏହାର ଆଖପାଖ ଅଞ୍ଚଳରେ ତାପମାତ୍ରା ଅହେତୁକ ଭାବରେ ବୃଦ୍ଧିପାଇବାରେ ଲାଗିଛି। ଅଗ୍ନିବର୍ଷା ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଜନଶୂନ୍ୟ ହୋଇ ପଡୁଛି। ଉତ୍ତପ୍ତ ସୂର୍ଯ୍ୟଙ୍କ ପ୍ରଖର କିରଣରେ କୋଣାର୍କ ସୂର୍ଯ୍ୟମନ୍ଦିରର ପ୍ରସ୍ତରଖଣ୍ଡମାନ ଉତ୍ତପ୍ତ ହୋଇ ମନ୍ଦିର ପରିସରକୁ ଗରମ ପବନରେ ଭରିଦେଉଛି। ଯାହାଫଳରେ ପର୍ଯ୍ୟଟକମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ମନ୍ଦିର ପରିସରରେ ପର୍ଯ୍ୟଟକଙ୍କ



ପାଇଁ ବିଶ୍ରାମାଗାର ନ ଥିବା ବେଳେ ମନ୍ଦିର ପରିସରରେ ଥିବା ବୃକ୍ଷ ଓ ପାନୀୟ ଜଳର ଷ୍ଟାଣ୍ଡପୋଷ୍ଟ ପାଖରେ ପର୍ଯ୍ୟଟଙ୍କ ଭିଡ ଲାଗିରହୁଛି। କୋଣାର୍କର ସମଗ୍ର ଅଞ୍ଚଳ ବାଲୁକାମୟ ହୋଇଥିବାରୁ ସୂର୍ଯ୍ୟଙ୍କ ପ୍ରଖର ଉତ୍ତପ୍ତ କିରଣରେ ବାଲି ଉତପ୍ତ ହୋଇ ବହୁତ ସମୟ ପର୍ଯ୍ୟନ୍ତ ବାତାବରଣକୁ ଗରମ କରି ରଖୁଛି। ପ୍ରକୃତି ଦାଉ ସାଧୁଥିବା ବେଳେ ବିଭିନ୍ନ ସମୟରେ ମନୁଷ୍ୟକୃତ ବିଦ୍ୟୁତ କାଟ ବୋଝଉପରେ ନଳିତାବିଡା ସଦୃଶ୍ୟ ହୋଇପଡ଼ିଛି। କୋଣାର୍କ ଏନଏସି ମଧ୍ୟରେ ଯାତ୍ରୀ ବିଶ୍ରାମ ଗାର ନଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତୃଷାର୍ତ୍ତ ଯାତ୍ରୀମାନଙ୍କ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏଯାଏଁ କୌଣସିଠାରେ ଜଳଛତ୍ର ବା ଜଳଦାନ ଶିବିର କରାଯାଇ ନଥିବା ବେଳେ ସତ୍ୟସାଇ ସେବା ସମିତି ପକ୍ଷରୁ ଥାନା ଛକଠାରେ ଓ ଭାରତ ସ୍କାଉଟ ଓ ଗାଇଡ ପକ୍ଷରୁ ମେଡିକାଲ ଛକଠାରେ ଏକ ଜଳଦାନ ଶିବିର କରାଯାଇଛି। ଏସି, କୁଲର ଓ ପଙ୍ଖା ବିନା ରହିବା କଷ୍ଟକର ହୋଇପଡ଼ିଛି। ଦିନଗରିବ ଓ ଅସହାୟଙ୍କ କଥା ନ କହିବା ଭଲ। ସେମାନେ ଭଗବାନଙ୍କୁ ଭରସାକରି ଗଛ ଛାଇତଳେ ପ୍ରକୃତିଦତ୍ତ ଶିତଳତାକୁ ଅନୁଭବ କରି ବିଶ୍ରାମ ନେଉଛନ୍ତି। ବୁଦ୍ଧୀଜୀବି, ସମାଜସେବୀ ଓ ପରିବେଶବିତ୍‌ଙ୍କ ମତରେ ସମସ୍ତ ନାଗରିକ ଗୋଟିଏ ଗୋଟିଏ ବୃକ୍ଷ ଲଗାଇ ପରିବେଶକୁ ସବୁଜ ବଳୟ ସୃଷ୍ଟି କରିବା ଦିଗରେ ଏବେଠାରୁ ପ୍ରୟାସ ଜାରି ନ ରଖିଲେ ଆଗାମୀ ବର୍ଷମାନଙ୍କରେ ଭୟଙ୍କର ଗରମ ଅନୁଭୂତ ହେବ ବୋଲି ମତ ପ୍ରକାଶ କରିଛନ୍ତି।

## ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ସଂଘର ଉପଦେଷ୍ଟା ଚନ୍ଦ୍ରଶେଖର ମହାପାତ୍ରଙ୍କ ସଭାପତିତ୍ୱରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ ସାମ୍ବିଧାନିକ ସମ୍ମିଳନୀ ଗରାପୁରସ୍ଥିତ ପ୍ରାଥମିକ ଶିକ୍ଷକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଶାଖାର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ପ୍ରଶାନ୍ତ ଶତପଥୀ, ରାଜକିଶୋର ପ୍ରଧାନ, ଶିଶିର ଦାସ, ଅମୀୟ ଚୌଧୁରୀ, ବିଶ୍ୱବନ୍ଧୁ ଜେନା, ସେକ୍ ଖତିବ୍, ଅନ୍ତର୍ଯ୍ୟାମୀ ମଲିକ, ଅକ୍ଷୟ ଦାସ, ଅନୀଲ ଦାଶ, ଚିତ୍ତରଞ୍ଜନ ରାଉଳ, ବିଶ୍ୱରଞ୍ଜନ ଦାଶ, ଜୟନ୍ତ ମଲ୍ଲିକ, ନରେନ୍ଦ୍ର ପରିଡ଼ା, ଦିବାକର ରାଉତ ପ୍ରମୁଖ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଉପସ୍ଥିତିରେ ଜିଲ୍ଲା ସଂଘର ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ




କରାଯାଇଥିଲା। ସଙ୍ଘର ସଭାପତି ଭାବେ ଅନନ୍ତ କୁମାର ପରିଡ଼ା, ସାଧାରଣ ସଂପାଦକ ଅଶ୍ୱିନୀ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ମଳିକ, ସଂଗଠନ ସଂପାଦକ ହରି ଶଙ୍କର ତରାଇ, ଉପ-ସଭାପତି ଅଭୟକାନ୍ତ ରାଉତ, କାକୁଲି ମଲ୍ଲିକ, ଅନିଲ କୁମାର ନନ୍ଦ, ନରେନ୍ଦ୍ର ପାଢ଼ୀ, ସହ-ସଂପାଦକ ଦିବାକର ରାଉତ, ଶୁଭଶ୍ରୀ ମାଝି, ମିର୍ଜା ଅଲିମ୍, ସଚିଦାନନ୍ଦ ମିଶ୍ର, ରୁପମା ଗୁରୁ, କୋଷାଧ୍ୟକ୍ଷ ଖଗେଶ୍ୱର ସାମଲ, ସମୀକ୍ଷକ ଶିବପ୍ରସାଦ ମିଶ୍ର, ମୁଖପାତ୍ର ଭକ୍ତରଞ୍ଜନ ସ୍ୱାଇଁ ଓ ଗଣମାଧ୍ୟମ ସଂଯୋଜକ ଭାବେ ସେକ୍ ମହମ୍ମଦ ଫାୟାଜୁଦ୍ଦିନଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ସଂଘର ଉପଦେଷ୍ଟା ଭାବେ ଚନ୍ଦ୍ରଶେଖର ମହାପାତ୍ର, ଅନୀଲ ଦାଶ, ରାଜକିଶୋର ପ୍ରଧାନ, ଜୟଦେବ ମଣ୍ଡଳଙ୍କୁ ମଧ୍ୟ ମନୋନୀତ କରାଯାଇଥିଲା। ଶିକ୍ଷକମାନଙ୍କ ହକ୍ ପାଇଁ ସଂଘ ବ୍ଲକସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବାକୁ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସଙ୍ଘର ମୁଖ୍ୟ ଉପଦେଷ୍ଟା ଚନ୍ଦ୍ରଶେଖର ମହାପାତ୍ର ଶପଥ ପାଠ କରାଇଥିଲେ। ପୁରୁଣା ପେନ୍‌ସନ୍ ଲାଗୁ ପାଇଁ ଆଗାମୀ ଦିନରେ ବ୍ଲକସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସରକାରଙ୍କ ପାଖରେ ଦାବି କରିବା ସହ ଏହି ଦାବି ହାସଲ ନିମନ୍ତେ ଦୁର୍ବାର ଆନ୍ଦୋଳନ କରାଯିବ ବୋଲି ନବ ନିର୍ବାଚିତ ସଭାପତି ଶ୍ରୀ ପରିଡ଼ା ଓ ସାଧାରଣ ସଂପାଦକ ଶ୍ରୀ ରାଉତ ତାଙ୍କ ଅଭିଭାଷଣରେ ସମବେତ ଶିକ୍ଷକ ନେତୃମଣ୍ଡଳୀକୁ ସମ୍ବୋଧିତ କରିଥିଲେ। ପୁରୁଣା ପେନ୍‌ସନ୍ ଲାଗୁ ପାଇଁ ରାଜ୍ୟସ୍ତରୀୟ ନୂତନ ପେନ୍‌ସନ୍ ଯୋଜନାଭୁକ୍ତ କର୍ମଚାରୀଙ୍କ ମହାସମାବେଶକୁ ସଂପୂର୍ଣ୍ଣ ସହଯୋଗ କରି ଦାବି ହାସଲ ନିମନ୍ତେ ନବନିର୍ବାଚିତ କର୍ମକର୍ତ୍ତା ଉଦ୍‌ବୋଧନ ଦେଇଥିଲେ। ପରିଶେଷରେ ପଟ୍ଟାମୁଣ୍ଡାଇ ବ୍ଲକ ସଂଘର ସଭାପତି ବିଶ୍ୱରଂଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପରେ ୩୬ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ଓ ନବାନ୍ନ ପାରାୟଣ

ପାରାଦୀପ (ପିଏନ୍)-ପାରାଦୀପ ମଧୁବନସ୍ଥିତ ମାରୁତି ମଣ୍ଡପ ଠାରେ ୩୬ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାନ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିଲା। ଏହି ପବିତ୍ର କାର୍ଯ୍ୟକ୍ରମରେ ସନ୍ଥ ତୁଳସୀଦାସ କୃତ ଶ୍ରୀରାମ ଚରିତ ମାନସ ପାରାୟଣ, ବ୍ୟାସ-ମହ' ରମେଶ ମହାରାଜଙ୍କ ଦ୍ୱାରା ପରିଚାଳିତ ହେଉଛି। ପ୍ରତ୍ୟହ ସଂଧ୍ୟା ଆଳତି ପରେ ଶ୍ରୀରାମ ଦୟା ପରିଷଦ ସଭ୍ୟମାନଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ ଏବଂ ଏହା ପରେ ଶ୍ରୀ ସତ୍ୟସାଇ ସେବା ସମିତି, ପାରାଦୀପ ପକ୍ଷରୁ ଭଜନ ପରିବେଷଣ କରାଯାଉଛି। ବରେଣ୍ୟ ପ୍ରବଚକ ରତ୍ନାକର ନାୟକ(ପୁରୀ)ଙ୍କ ଦ୍ୱାରା ପ୍ରବଚନ ସାଧାରଣରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି। ଏଣୁ ଏଥିରେ ବହୁ ସଂଖ୍ୟାରେ ଯୋଗଦାନ କରି ଦିବ୍ୟ ଦର୍ଶନ ସହିତ ରାମ କଥାମୃତ ଶ୍ରବଣ ପୂର୍ବକ ଜୀବନକୁ ଧନ୍ୟ କରିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମ ଗତ ମାସ ୧୧ ତାରିଖରେ ଶେଷ ହୋଇଯାଇଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## "ପିଏମ କେୟାର୍ସ ଫର୍ ଚିଲଡ୍ରେନ" ଯୋଜନାରେ ବାଲେଶ୍ୱର ଜିଲ୍ଲାର ତିନିଜଣ ପିଲା ସାମିଲ



ବାଲେଶ୍ୱର (ପିଏନ୍)-କୋଭିଡ୍ ମହାମାରୀ ସମୟରେ କୋଭିଡ୍ ସଂକ୍ରମଣରେ ଉଭୟ ପିତାମାତାଙ୍କୁ ହରାଇ ପିତୃମାତୃହୀନ ହୋଇଥିବା ସମଗ୍ର ଦେଶର ପିଲାମାନଙ୍କ ପ୍ରତିପାଳନ, ସୁରକ୍ଷା ଓ ଶିକ୍ଷା ଦ୍ୱାରା ସେମାନଙ୍କର ଉପଯୁକ୍ତ ଥଇଥାନ ନିମନ୍ତେ "ପିଏମ କେୟାର୍ସ ଫର ଚିଲଡ୍ରେନ" ଯୋଜନାରେ ବ୍ୟବସ୍ଥା କରାଯାଇଛି। ଏହି କ୍ରମରେ ଗତକାଲି ପୂର୍ବାହ୍ନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଏଭଳି ପିଲାମାନଙ୍କୁ ସହାୟତା ପ୍ରଦାନ କରିବା ସହିତ ସେମାନଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଛନ୍ତି। ପ୍ରତି ପିଲାଙ୍କୁ ୧୮ବର୍ଷ ବୟସ ହେବା ପରେ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା, ଚିକିତ୍ସା ନିମନ୍ତେ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ମାସିକ ପ୍ରତିପୋଷଣ ଖର୍ଚ୍ଚ ୩ବର୍ଷ ପର୍ଯ୍ୟନ୍ତ ୪ହଜାର ଟଙ୍କା ଲେଖାଏଁ, ଶିକ୍ଷା ନିମନ୍ତେ ବାର୍ଷିକ ଷ୍ଟାଇପେଣ୍ଡ ୨୦ହଜାର ଟଙ୍କା ଏବଂ ଉଚ୍ଚଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ନିମନ୍ତେ ଋଣ ସହାୟତା ଇତ୍ୟାଦି ଏହି ଯୋଜନାର ମୁଖ୍ୟ ଅଂଶବିଶେଷ ଅଟେ। ମାନ୍ୟବର ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ଭାଗରୁ ଆଭାସୀରେ ଯୋଡି ହୋଇଥିବା ପିଲା ଓ ସେମାନଙ୍କ ଅଭିଭାବକମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ ଉଭୟ ପିତାମାତାଙ୍କୁ ହରାଇଥିବା ପିଲାମାନଙ୍କ ଜୀବନ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଅଟେ। ସେମାନଙ୍କର ଉପଯୁକ୍ତ ଥଇଥାନ, ସ୍ନେହ, ଆଦର ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ସେମାନଙ୍କର ଅଭିଭାବକ, ସରକାରୀ କର୍ମକର୍ତ୍ତା ଏବଂ ସର୍ବୋପରି ସରକାର ସମ୍ବେଦନଶୀଳ ହୋଇ ଉଚିତ୍ ପଦକ୍ଷେପ ନେଲେ ସେମାନେ ବଡ ବଡ ଆହ୍ୱାନର ମୁକାବିଲା କରିପାରିବା ସହିତ ଆଗାମୀ ଦିନରେ ଦେଶର ଉତ୍ତମ ନାଗରିକ ଭାବେ ଗଢି ଉଠିବେ। ସ୍ଥାନୀୟ ଏନଆଇସି କାର୍ଯ୍ୟାଳୟ ଭିଡିଓ କନଫରେନ୍ସିଂ ହଲରେ ଅନୁଷ୍ଠିତ ଏହି ଆଭାସୀ କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗ ଦେଇ ଏହି ଯୋଜନାରେ ସାମିଲ ଜିଲ୍ଲାର ୩ ପିଲାଙ୍କୁ ପିଏମ କେୟାର୍ସ ପାସବୁକ୍, ସାର୍ଟିଫିକେଟ୍, ସ୍ୱାସ୍ଥ୍ୟବୀମା କାର୍ଡ, ସହାୟତା କିଟ୍ ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ପ୍ରଦାନ କରିବା ସହିତ ସେମାନଙ୍କ ଉତରୋତର ଉନ୍ନତି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଶ୍ରୀ ଭାଗିରଥୀ ବାରିକ୍‌ଙ୍କ ସମେତ କମିଟି ସଦସ୍ୟ ଶ୍ରୀ ଗଣେଶ୍ୱର ରାଉତ, ଶ୍ରୀମତୀ ଗୌରୀରାଣୀ ଉପାଧ୍ୟାୟ, ଶ୍ରୀ ଆଶିଷ କୁମାର ଘୋଷ, ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଦସ୍ୟା ଶ୍ରୀମତୀ ଉଷାରାଣୀ ପତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଯୁବକ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜରାନିବାସ ସ୍ଥାପନ ପାଇଁ ବୈଠକ

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ଆମଣଠାରେ 'କୃଷ୍ଣାଭିରାମ ଶାନ୍ତିଧାମ' ନାମକ ଏକ ନୂତନ ଜରାନିବାସ ସ୍ଥାପନ ପାଇଁ ଏକ ବୈଠକ ଆମଣ ସମାଧି ପୀଠରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ହେମନ୍ତକୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ସଭାପତି ପ୍ରଦୀପକୁମାର ଦାସ, ଗୟାଧର ବେହେରା, ପରେଶ ମଙ୍ଗରାଜ, ଉପଦେଷ୍ଟା ଲଳିତକୁମାର ଦାଶ, ପ୍ରତାପଚନ୍ଦ୍ର ଦାଶ, ବିପ୍ରଚରଣ ଭୋଳ, ପ୍ରାକ୍ତନ କର୍ପୋରେଟର ପ୍ରମୋଦ ମହାପାତ୍ର, ସତ୍ୟରଂଜନ ବେହେରା, ପୂର୍ବତନ ସରପଞ୍ଚ କବିତା ଦାସ, ସୁରେନ୍ଦ୍ର ସାହୁ,



ପ୍ରଭାକର ଭୋଇ, ରାଜକିଶୋର ପଟ୍ଟନାୟକ, କାଳନ୍ଦି ଭୋଇ, ପ୍ରତାପକେଶରୀ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜରାନିବାସ ସ୍ଥାପନ ପାଇଁ ଜମି ଚିହ୍ନଟ, ପଂଜିକରଣ ଓ ଅର୍ଥ ମଂଜୁର ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସପ୍ତାହକ ମଧ୍ୟରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୈଠକରେ ସ୍ଥିର ହୋଇଥିଲା।

## ଛାତ୍ରବତ୍ସଳା ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ସାମନ୍ତରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ତିଳୋତ୍ତମା ମହାପାତ୍ରଙ୍କ ଅବସର ଉପଲକ୍ଷେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, କାଉନସିଲର କମଲ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ମହାପାତ୍ରଙ୍କୁ ଜଣେ ଛାତ୍ରବତ୍ସଳା ଓ ଶିକ୍ଷା ପାଇଁ ସମର୍ପିତ ମଣିଷ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଶିକ୍ଷୟିତ୍ରୀ ଅନସୂୟା ସାମନ୍ତରାୟ, କିରଣବାଳା ମହାନ୍ତି, କ୍ଷଣପ୍ରଭା ସାହୁ, ନିରୁପମା ପୃଷ୍ଟି, ରଶ୍ମିତା ବେହେରା, ନମିତାରାଣୀ ରାୟସାମନ୍ତ, ଶେଷଦେବ ଛୋଟରାୟ ପ୍ରମୁଖ ତାଙ୍କର ସମୟାନୁବର୍ତ୍ତିତା ଓ ଉତ୍ତମ ଶିକ୍ଷାଦାନ ସଂପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କ ପକ୍ଷରୁ ମାନପତ୍ର, ଉପଢୌକନ ଆଦି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ପେନସନ୍, ଗ୍ରାଚୁଇଟି ଆଦି କାଗଜପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।




# ଶେଷ ପାର୍ଯ୍ୟାୟରେ ଫିରିଙ୍ଗିଆ ବ୍ଲକର ସ୍ମାର୍ଟସ୍କୁଲ ରୁପାନ୍ତରଣ କାର୍ଯ୍ୟ

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ଙ୍କ ମୋ ସରକାର ଅଧିନ ରେ ହୋଇଥିବା ପଲାବୃଡି ପଂଚାୟତ ର ନେଡିପଦର ଠାରେ ହୋଇଥିବା ସ୍ମାର୍ଟସ୍କୁଲ ର ସଫଳ ରୁପାୟନ ପରେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ବ୍ଲକ ର ସମୁଦାୟ ଆଠଟି ସ୍କୁଲ ର ରୁପାନ୍ତରଣ କାମ ଶେଷ ପର୍ଯ୍ୟାୟରେ ପହଂଚିଛି । ଆଉ କିଛିଦିନ ମଧ୍ୟରେ ଏହି ସ୍କୁଲ ଗୁଡିକର ରୁପାନ୍ତରିତ କାମ ସରିଜିବ ବୋଲି ଫିରିଙ୍ଗିଆ ବଡିଓ କହିଛନ୍ତି । ତେବେ ପ୍ରଥମ ପାର୍ଯ୍ୟାୟରେ ଗୋଟିଏ ଓ ଦ୍ୱିତୀୟ ପର୍ଯ୍ୟାୟରେ ଏକା ଥରକରେ ଆଠଟି ସ୍କୁଲ ରୁପାନ୍ତରିତ ହେବା ପରେ ଛାତ୍ରଛାତ୍ରି ଓ ଅଭିଭାବକ ମାନେ ସେମାନଙ୍କର ଶିକ୍ଷାରେ ଉନ୍ନତି ହେବା ଦିଗରେ ବେଶ ଆଶାବାନ ହୋଇଛନ୍ତି । ସ୍ମାର୍ଟସ୍କୁଲ ରେ ପାଠପଢି ଛାତ୍ରଛାତ୍ରି ମାନେ ମଧ୍ୟ ଅତ୍ୟାଧୁନିକ ପାଠପଢା ସହ ବଡବଡ ବେସରକାରୀ ସ୍କୁଲ ପିଲାଙ୍କ ଭଳି ପାଠପଢିପାରିବେ ଓ ସ୍ମାର୍ଟସ୍କୁଲ ହେବା ଦ୍ୱାରା ଛାତ୍ରଚାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ୱଳମୟ ହେବ ବୋଲି ଅଂଚଳର ଶିକ୍ଷାବିତ ଓ ବୁଦ୍ଧିଜୀବି ମତ ଦେଇଛନ୍ତି । ତେବେ ଦ୍ୱିତୀୟ ପାର୍ଯ୍ୟାୟରେ ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଠାରେ ଥିବା ଉନ୍ନିତ ଉଚ୍ଚବିଦ୍ୟାଳୟ କୁ ସ୍ମାର୍ଟସ୍କୁଲ ରେ ପରିଣତ କରାଯାଉଥିବା ବେଳେ ବ୍ଲକର ଡିଣ୍ଡିରା ଗାଁ ରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ , ବନ୍ଧଗଡ ର ଦିଆଭଞ୍ଜ ଉଚ୍ଚବିଦ୍ୟାଳୟ , ନୁଆଁପଦର ଠାରେ ଥିବା ବନବାସୀ ଉଚ୍ଚବିଦ୍ୟାଳୟ , ଲୁଇସିଂ ଉଚ୍ଚବିଦ୍ୟାଳୟ , ସାଡିଙ୍ଗିଆ ଉଚ୍ଚବିଦ୍ୟାଳୟ ,ଭୃଙ୍ଗିଯୋଡି ପଂଚାୟତର ସୁଣ୍ଡିଗାଁ ଉଚ୍ଚବିଦ୍ୟାଳୟ, ପକାରି ଠାରେ ଥିବା ଉଚ୍ଚବିଦ୍ୟାଳୟ ଓ ବାଲନ୍ଦାପଡା ସରକାରୀ ଉଚ୍ଚବିଦ୍ୟାଳୟ କୁ ସ୍ମାର୍ଟସ୍କୁଲ ରେ ରୁପାନ୍ତରିତ କରାଯାଉଛି । ଏହି ସବୁ ସ୍କୁଲ ମାନଙ୍କ ରେ ଇ ଲାଇବ୍ରେରି , ସାଇନ୍ସ ଲ୍ୟାବ୍ , ସ୍ମାର୍ଟ କ୍ଲାସରୁମ ଭଳି ଅନେକ ଗୁଡିଏ ଅତ୍ୟାଧୁନିକ ଶିକ୍ଷା ଉପକରଣ ର ବ୍ୟବସ୍ଥା କରାଯାଇଛି । ସ୍କୁଲ ଗୁଡିକ ସବୁଜ ବନାନିରେ ସୁସଜ୍ଜିତ ହୋଇଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କୁ ଆକୃଷ୍ଟ କରିବା ପାଇଁ ସ୍କୁଲ ର କାନ୍ଥ ମାନଙ୍କ ରେ ବିଭିନ୍ନ ପ୍ରକାର ଶିକ୍ଷା ସମ୍ବନ୍ଧିୟ ବିଷୟବସ୍ତୁ ଗୁଡିକୁ ଅଙ୍କା ଯାଇଛି । ବିଶେଷ କରି ଏହି ଅଠଟି ସ୍କୁଲ ମାନଙ୍କ ମଧ୍ୟରୁ ଅଧିକାଂଶ ସ୍କୁଲ ଉପାନ୍ତ ଅଂଚଳ ମାନଙ୍କ ରେ ରହିଛି । ଅନ୍ୟପଟେ ଫିରିଙ୍ଗିଆ ବଡିଓ ରଶ୍ମିରଞ୍ଜନ ମହନ୍ତ ଙ୍କ ଆନ୍ତରିକତା ଓ ବ୍ଲକ ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ମାନଙ୍କ କାର୍ଯ୍ୟକୁଶଳତା ଯୋଗୁଁ ଫିରିଙ୍ଗିଆ ବ୍ଲକରେ ଏହି ସବୁ ସମ୍ଭବ ହୋଇପାରିଛି ବୋଲି ବୁଦ୍ଧିଜିବୀ ମାନେ ମତଦେଇଛନ୍ତି । ତେବେ ଏହି ସ୍କାର୍ଟ ସ୍କୁଲ କାର୍ଯ୍ୟପାଇଁ ବ୍ଲକ ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ମାନଙ୍କ ଗୁରୁଦାୟିତ୍ୱ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଡିଣ୍ଡିରା ଗାଁ ପାଇଁ ସୂନୀଲ କୁମାର ପାତ୍ର ,ବନ୍ଧଗଡ ଓ ସୁଣ୍ଡିଗାଁ ପାଇଁ ସୁମନ୍ତ କମୁମାର ଭୋଇ , ନୁଆଁପଦର ପାଇଁ ଲିଙ୍ଗରାଜ ପାତ୍ର ,ପକାରୀ ଲୁଇସିଂ ପାଇଁ ଲିନ୍ମୟ ସ୍ୱାଇଁ ଓ ବାଲନ୍ଦାପଡା ପାଇଁ କନିଷ୍ଠ ଯନ୍ତ୍ରୀ ରମେଶ ଦାସ ଙ୍କୁ ଦାୟିତ୍ୱ ଦିଆଯାଇଛି । ଅନ୍ୟପଟେ ଏହି ସବୁ ସ୍କାର୍ଟ ସ୍କୁଲ ଗୁଡିକର ଦେଖରେଖ ବିଡିଓ ଙ୍କ ତତ୍ୱାବଧାନ ରେ ଚାଲିଥିବା ବେଳେ ମଝିରେ ମଝିରେ କନ୍ଧମାଳ ଜିଲ୍ଲାପାଳ ଡ. ବୃନ୍ଦା ଡି ଙ୍କ ସହ ଫିରିଙ୍ଗିଆ ବ୍ଲକର ସହକାରି ଯନ୍ତ୍ରୀ ଜୟପ୍ରକାଶ ଜେନା ଓ ଅତିରିକ୍ତ କନିଷ୍ଠ ଯନ୍ତ୍ରୀ ଜି ଦେବହରି ପ୍ରଧାନ କନ୍ଧମାଳ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଷକ ବିଶ୍ୱରଞ୍ଜନ ନାୟକ ସ୍କୁଲ ଗୁଡିକର ରୁପାନ୍ତରିତ କାମର ତଦାରଖ କରୁଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଗୋଟିଏ ଗୋଟିଏ ସ୍କୁଲ ପିଛା ପ୍ରାୟ ୭୦ ରୁ ୮୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ତୃତିୟ ପର୍ଯ୍ୟାୟରେ ମଧ୍ୟ ବ୍ଲକ ର ଆଉ ଆଠ ରୁ ଦସ ଟି ସ୍କୁଲ କୁ ସ୍ମାର୍ଟସ୍କୁଲ ରେ ରୁପାନ୍ତରିତ କରାଯିବା ନେଇ ପ୍ରସ୍ତାବ ରହିଥିବା ନେଇ ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତଙ୍କ ସୁତ୍ରରୁ ଜଣାପଡିଛି ।

## ବନ୍ୟ ପ୍ରାଣୀ ବରାହ ପଲ ଚାଷ ଜମିରେ ପସି ଧାନ ଫସଲ ନଷ୍ଟ, ଚାଷୀଙ୍କୁ ସହାୟତା ପାଇଁ ଅନୁରୋଧ

ନୂଆପଡ଼ା, (ପି.ଏନ): ବନ୍ୟ ପ୍ରାଣୀ ବରାହ ପଲ ଚାଷ ଜମିରେ ପସି ଧାନ ଫସଲ ନଷ୍ଟ, ଚାଷୀଙ୍କୁ ସହାୟତା ପାଇଁ ଅନୁରୋଧ କରିଛନ୍ତି । ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଖଇରା ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଅମେରା ଗ୍ରାମର ହରିଶ୍ଚନ୍ଦ୍ର ଦିପ ନାମକ ଚାଷୀ ଧାର କରଜ କରି ଦୁଇ ଏକର ଜମି ରେ ବ୍ୟାପକ ଖର୍ଚ୍ଚ କରି ଧାନ ଚାଷ କରିଥିଲେ । କିନ୍ତୁ ଦୁର୍ଭାଗ୍ୟ ବଶତଃ ଗତ କାଲି ରାତିରେ ପାଖା ପାଖି ଦଶଟି ବନ୍ୟ ପ୍ରାଣୀ ବାରାହ ପସି ପାଚିଲା ଧାନ କୁ ଖାଇ ଦେଇଛନ୍ତି । ହରିଶ୍ଚନ୍ଦ୍ର ଜଙ୍ଗଲ ବିଭାଗ କୁ ଖବର ଦେଇଥିଲେ ମଧ କୌଣସି ସନ୍ତୋଷ ଜନକ ଉତ୍ତର ପାଇଲେ ନାହିଁ ବୋଲି ଗଣମାଧମ ପ୍ରତିନିଧି ଙ୍କ ପାଖରେ ଅଭିଯୋଗ କରିଛନ୍ତି । ସେ କମିତି ଧାର କରଜ ପରିଶୋଧ କରିବେ ଚିନ୍ତାରେ ହରିଶ୍ଚନ୍ଦ୍ର ଦୀପ ।

# ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ପ୍ରତିନିଧି ଦଳଙ୍କ ଷଢେଇକଳା ପରିକ୍ରମା

ରାଇରଙ୍ଗପୁର, (ପି.ଏନ): ରାଇରଙ୍ଗପୁର ସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦର ଏକ ପ୍ରତିନିଧି ଦଳ ଗତ ୨୯ ତାରିଖରେ ବିଚ୍ଛିନ୍ନାଂଚଳ ଷଢେଇକଳା ପରିକ୍ରମା କରି ଫେରିଛନ୍ତି । ଉକ୍ତ ଦଳରେ ପରିଷଦର ସଭାପତି ତିମିର ରଞ୍ଜନ ପଣ୍ଡା, ସଂପାଦକ ରଂଜନ କୁମାର ନନ୍ଦ, ସଂଗଠନ ସମ୍ପାଦକ ଡଃ. ଦିଗମ୍ବର ଗିରି, ଉପ-ସଭାପତି କାଳି ପ୍ରସନ୍ନ ମହାନ୍ତି ଓ ଅଧାପକ ବିଜୟ କୁମାର ରାମ ଏବଂ ସହ-ସମ୍ପାଦକ କିଶୋର କୁମାର ରଜକ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ପ୍ରତିନିଧି ଦଳକୁ ଷଢେଇକଳା ମେୟର ଶ୍ରୀମତୀ ମିନାକ୍ଷୀ ପଟ୍ଟନାୟକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପ୍ରତିନିଧି ଦଳର ସମସ୍ତ ସଦସ୍ୟ ସ୍ଥାନୀୟ ଓଡିଆଙ୍କ ଗହଣରେ ଯାଇ ଷଢେଇକଳାର ପ୍ରସିଦ୍ଧ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଉତ୍କଳମଣିଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ପରେ ପରେ ସମାଜ ସେବୀ ସୁଦିବ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ପ୍ରତିନିଧି ଦଳ ଷଢେଇକଳାର ଦୁର୍ଗା ମଣ୍ଡପ, ପୁରାତନ ରାଜବାଟୀ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ କରିଥିଲେ । ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ସେବା ସମିତି ଷଢେଇକଳା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ରାଇରଙ୍ଗପୁରର ସଦସ୍ୟ ମାନଙ୍କୁ ନେଇ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ସେବା ସମିତିର ସଭାପତି ସିଦ୍ଧାର୍ଥ ଶଙ୍କର ସିଂଦେଓଙ୍କ ସ୍ୱାଗତ ଭାଷଣ ପ୍ରଦାନ ପରେପରେ ସମସ୍ତ ସଦସ୍ୟ ନିଜ ନିଜର ପରିଚୟ ରଖିଥିଲେ । ସେବା ସମିତିର ସମ୍ପାଦକ ପାର୍ଥସାରଥି ଦାଶ ସେବା ସମିତି ଏବଂ ଜଗନ୍ନାଥ ମନ୍ଦିରର ଇତିବୃତି ଉପସ୍ଥାପନ କରିଥିଲେ ଏବଂ ଚନ୍ଦ୍ର ଶେଖର ମହାପାତ୍ର ସୁନ୍ଦର ଭଜନ ପରିବେଷଣ କରିଥିଲେ । ରାଇରଙ୍ଗପୁର ପରିଷଦର ସମ୍ପାଦକ ରଞ୍ଜନ କୁମାର ନନ୍ଦ ଷଢେଇକଳା ପରିକ୍ରମାର ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହ ସଭା କାର୍ଯ୍ୟର ମନଛୁଆଁ ସଂଯୋଜନା କରିଥିଲେ । ଆଗାମୀ ଜୁନ୍ ମାସ ୧୯ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ରାଇରଙ୍ଗପୁର ପକ୍ଷରୁ 'ଶ୍ରୀଜଗନ୍ନାଥ ଉପାସନାରେ ଅଣସର ନୀତି ଏକ ଆଲୋଚନା ' ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବା ପାଇଁ ସଢେଇକଳା ପରିଷଦର ସଦସ୍ୟ ମାନଙ୍କୁ ନିମନ୍ତ୍ରଣ କରାଯିବାସହ ବରିଷ୍ଠ ସଦସ୍ୟ ମାନଙ୍କୁ ଅତିଥି ରୂପେ ଯୋଗ ଦେବାପାଇଁ ଅନୁରୋଧ କରାଯାଇଥିଲା । ପୁନଶ୍ଚ ରାଇରଙ୍ଗପୁର ପରିଷଦ ପକ୍ଷରୁ ରାସ ପୂର୍ଣ୍ଣିମାରେ ଆୟୋଜିତ ହେଉଥିବା 'ମୁରୁଜରେ ମୋ ଜଗନ୍ନାଥ'- ପଥ ମହୋତ୍ସବରେ ଅଂଶଗ୍ରହଣ କରିବାପାଇଁ ପ୍ରସ୍ତାବ ରଖାଯାଇଥିଲା । ନେତ୍ରୋତ୍ସବ ଦିନ ଷଢେଇକଳାରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଭଜନ ସଂନ୍ଧ୍ୟା ଆୟୋଜନ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା । ସମସ୍ତ ପ୍ରସ୍ତାବ ଓ ସୂଚନାକୁ ଶ୍ରୀଜଗନ୍ନାଥ ସେବା ସମିତି ଷଢେଇକଳାର ସଦସ୍ୟ ମାନେ ସାଦରେ ଗ୍ରହଣ କରିଥିଲେ । ଏହି ସଭାରେ ସେବା ସମିତିର ସହ-ସଚିବ ପର୍ଶୁରାମ କବି, କୋଷାଧକ୍ଷ ଚିରଞ୍ଜିବୀ ମହାପାତ୍ର, ନୀଳକଣ୍ଠ ଷଡଙ୍ଗୀ, ସୁଧିର ଚନ୍ଦ୍ର ଦାଶ, ଗଣେଶ ଶତପଥୀ, ବ୍ରହ୍ମାନନ୍ଦ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ପାର୍ଥସାରଥି ଦାଶ, ଦୁଖୁରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ବଦ୍ରୀନାରାୟଣ ଦାରଘା ଧନ୍ୟବାଦ ଅର୍ପଣ କରିଥିଲେ ।

## ୪୮୫ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ, ଜଣେ ଗିରଫ

ଜୟପୁର, (ପି.ଏନ): କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ଲମତାପୁଟ ପୋଲିସ ଗଞ୍ଜେଇ ଚାଲାଣ ଯୋଜନାକୁ ପଣ୍ଡ କରିଛି । କୋରାପୁଟ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଲମତାପୁଟ ଫାଣ୍ଡି ଅଧିକାରୀ ଏସ.ଆଇ ଚିତରଞ୍ଜନ ପ୍ରଧାନୀଙ୍କ ନେତୃତ୍ୱରେ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଆନ୍ଧ୍ର ଓଡିଶା ସୀମାନ୍ତ ବାଙ୍ଗୁରିପଡା ନଦୀଘାଟରୁ ୨୦ ବସ୍ତା ଗଞ୍ଜେଇ ଜବତ କରିବା ସହିତ ଘଟଣାରେ ଜଣଙ୍କୁ ଗିରଫ କରିଛି ପୋଲିସ । ଗିରଫ ବ୍ୟକ୍ତି ପାଟନାର ହୋଇଥିଲା ବେଳେ ଚତୁରତାର ସହିତ ବାଙ୍ଗୁରିପଡା ନଦୀଘାଟରୁ ଗଞ୍ଜେଇ କୋରାପୁଟକୁ ନେଇ ମଧ୍ୟପ୍ରଦେଶ ଚାଲାଣ କରିବାର ଯୋଜନା ରହିଥିବା ସୂଚନା ଦେଇଛନ୍ତି ନନ୍ଦପୁର ଏସ୍ .ଡି.ପି.ଓ ସଞ୍ଜୟ ମହାପାତ୍ର । ଜବତ ଗଞ୍ଜେଇ ଲମତାପୁଟ ଫାଣ୍ଡିକୁ ଆଣି ଓଜନ କରାଯାଇଥିଲା ୨୦ବସ୍ତା ଗଞ୍ଜେଇ ମଧରେ ୪୮୫ କେ.ଜି ୭୦୦ ଗ୍ରାମ ରହିଥିଲା । ଏହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ହୋଇଥିଲା ବେଳେ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ତଦନ୍ତ କରି ଅତିଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛି ପୋଲିସ ।

# ଫିରିଙ୍ଗିଆରେ କୁଇ ଜାତିର ବାର୍ଷିକ ସମ୍ମିଳନୀ

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ କୁଇ ସମାଜ ସେବା ସମିତି ଫିରିଙ୍ଗିଆ ଶାଖା ଆନୁକୂଲ୍ୟରେ କୁଇ ଜାତି ର ବାର୍ଷୀକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଫିରିଙ୍ଗିଆ କୁଇ ସମାଜ ସେବା ସମିତି ର ସଭାପତି ମୁକୁନ୍ଦ କହଁର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଦୁଇଦିନିଆଁ କାର୍ଯ୍ୟକ୍ରମ ରେ କୁଇ ଜାତି ସମନ୍ୱୟ ସମିତି ଜିଲ୍ଲା ସଭାପତି ଲମ୍ବୋଦର କହଁର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଫୁଲବାଣୀ କେନ୍ଦ୍ର କୁଇ ସମାଜ ସଭାପତି ସୁଦର୍ଶନ କହଁର ,କୁଇ ଭାଷା ସାହିତ୍ୟ ସମିତି ର ରାଜ୍ୟ ସଭାପତି ଦିନବନ୍ଧୁ କହଁର, କୁଇ ସମାଜ କେନ୍ଦ୍ର ମହିଳା ସଭାନେତ୍ରୀ ଗିତାଞ୍ଜଳୀ କହଁର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଘୁ.ଉଦୟଗିରି ର ବରିଷ୍ଠ ଆଇନ ଜିବୀ ପ୍ରଦିପ କହଁର ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲା ଆଦିବସି ମହାସଙ୍ଘ ସଭାପତି ଯୁଗେଶ୍ୱର ମାଝି ,ପୁର୍ବତନ କେନ୍ଦ୍ର ସଭାପତି ତିର୍ଥ ଜାନି, କେନ୍ଦ୍ର ସାଧାରଣ ସମ୍ପାଦକ ଅବନି କୁମାର କହଁର , ଖଜୁରିପଡା ବ୍ଲକ ର ପୁର୍ବତନ ବ୍ଲକ ଅଧକ୍ଷ ବିରେନ୍ଦ୍ର କହଁର , ଫିରିଙ୍ଗିଆ ପୁର୍ବତନ ସରପଂଚ ତଥା କୁଇ ଜୁବନେତା ବିଶ୍ୱରଞ୍ଜନ କହଁର , ଫିରିଙ୍ଗିଆ ସମିତି ସଭ୍ୟା ମୌସୁମି ପ୍ରଧାନ ଙ୍କ ସହ ଫିରିଙ୍ଗିଆ ସାଖା ଅଧିନରେ ଥିବା ୧୫ ଗୋଟି ଉପସଖା ର ସଭାପତି ଙ୍କ ସହ ୧୫ ଟି ପଂଚାୟତ ର ସରପଂଚ ମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ରେ ଫିରିଙ୍ଗିଆ ସାଖାର ସମ୍ପାଦକ ଏସିଆ କହଁର ସମାଜ ର ବାର୍ଷିକ ବିବରଣି ପାଠକରିଥିବା ବେଳେ କୁଇସାମାଜ ଯୁବ ସଂଗଠକ ବୁଦ୍ଧଦେବ କହଁର , କୁଇ ସମାଜ ଯୁବନେତା ରଘୁପତି କହଁର , ଫିରିଙ୍ଗିଆ ସରପଂଚ ଜଳନ୍ଧର କହଁର , ଗୋଲକବିହାରି କହଁର ଙ୍କ ସହ ସମାଜ ର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ନବନିର୍ମିତ ଆଦିବାସୀ ସଂଗ୍ରାହାଳୟ, ଆଦିବାସୀ ସଂସ୍କୃତି ଭବନ ଓ ତାଲିମ କେନ୍ଦ୍ର ର ଉଦଘାଟନ କରାଯାଇଥିଲା। ଅନୁଷ୍ଠିତ ବୈଠକରେ ଆଦିବାସୀ ମାନଙ୍କ ସମସ୍ୟା ଓ ତାର ସମାଧାନ ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟପଟେ ଏହି ଅବସରରେ ନବନିର୍ବାଚିତ ଆଦିବାସୀ ସରପଂଚ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭାଆରମ୍ଭରୁ ପାରମ୍ପାରିକ ବେଶପୋଷାକ , ଅସ୍ତ୍ରଶସ୍ତ୍ର ସହ ପାରମ୍ପାରିକ ବାଜାବାଧ୍ୟ ରେ ଏକ ଶୋଭାଯାତ୍ରା ବାହାରି ଫିରିଙ୍ଗିଆ ର ଆଧିଷ୍ଠାତ୍ରୀ ଦେବୀ ମା ପିତାବଳୀ ମନ୍ଦିର ରୁ ସଭାସ୍ତଳକୁ ଆସିଥିଲା। ସଭାଶେଷରେ ପାରମ୍ପାରିକ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେକୁଇ ଯୁବନେତା ରଘୁପତି କହଁର ଧନ୍ୟବାଦ ଅପ୍ରଣ କରିଥିଲେ ।

# ଅପହୃତ ଯାତ୍ରା ପାର୍ଟିର ସାମଗ୍ରୀର ସନ୍ଧାନ ମିଳିଲା, ଉଭୟ ଯାତ୍ରା ମାଲିକଙ୍କ ମଧ୍ୟରେ ଚୁକ୍ତିନାମା

ଖୋର୍ଦ୍ଧା, (ପିଏନ): ବେଗୁନିଆ ଥାନା ଅନ୍ତର୍ଗତ କଂଟାବାଡ ପଂଚାୟତର ମଲ୍ଲିପଦର ଗ୍ରାମର ଶିଶିର କୁମାର ଆଚାର୍ଯ୍ୟ ଗତ ୨୦୧୯ ମସିହା ସେପ୍ଟେମ୍ବର ମାସ ୩ ତାରିଖରେ ଓମ ସାଇରାମ ନାମରେ ଏକ ଯାତ୍ରା ଅନୁଷ୍ଠାନ ଗଢିଥିଲେ । ଏହି ଯାତ୍ରା ପାର୍ଟିର ସଦସ୍ୟ ନର୍ମଦା ପଣ୍ଡା ଓରଫ ଚିନ୍ମୟୀ ଓ ବିଭୁତି ପରିଡା ଦୁହେଁ ମିଶି ଯାତ୍ରା ପାର୍ଟିର ଲାଇଟ,ମାଇକ ଓ ସାଉଣ୍ଡ ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନେଇ ଫେରାର ହୋଇ ରୂପେଲି ରଙ୍ଗମଂଚ ନାମରେ ଏକ ଯାତ୍ରା ଅନୁଷ୍ଠାନ ଗଢି ବିଭିନ୍ନ ସ୍ଥାନରେ ନାଚ ପରିବେଷଣ କରି ଆସୁଥିଲେ । ଏଥିରେ ଶ୍ରୀ ଆଚାର୍ଯ୍ୟ ନିଜର ଜିନିଷ ପାଇବା ପାଇଁ ବାରମ୍ବାର କଲ କରୁଥିଲେ ମଧ୍ୟ ଫୋନ ଗ୍ରହଣ କରୁ ନ ଥିଲେ । ତେବେ ରୂପେଲି ରଙ୍ଗମଂଚ ବେଗୁନିଆ ଥାନା ଅନ୍ତର୍ଗତ ମୁଗମଣ୍ଡା ଠାରେ ଯାତ୍ରାକରିବା ପାଇଁ ପହଂଚି ଥିବାର ଖବର ପାଇ ଗତ ୨୮ ତାରିଖରେ ବେଗୁନିଆ ଥାନାରେ ଅଭିଯୋଗ ହୋଇଥିଲା । ଘଟଣା ସ୍ଥଳରେ ପୋଲିସ ପହଂଚି ଯାତ୍ରା ମାଲିକ ସୁବ୍ରତ ଦାସଙ୍କୁ ଥାନାକୁ ଆଣି ଜେରା କରିବା ପରେ ପ୍ରକୃତ ସତ୍ୟ ଜଣା ପଡିଥିଲା । ଏହାର ଖବର ପାଇ ଅଭିଯୁକ୍ତ ବିଭୁତି ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ଉଭୟ ଯାତ୍ରା ମାଲିକଙ୍କ ମଧ୍ୟରେ ଭଦ୍ର ଲୋକଙ୍କ ଉପସ୍ଥିତିରେ ଏକ ଚୁକ୍ତି ପତ୍ର ସ୍ୱାକ୍ଷରିତ ହୋଇଥିଲା । ଆସନ୍ତା ଜୁନ ମାସ ୨୫ ତାରିଖରେ ରୂପେଲି ରଙ୍ଗ ମଂଚର ମାଲିକ ସମସ୍ତ ଜିନିଷପତ୍ର ବେଗୁନିଆ ଥାନାରେ ଜିମା ଦେବା ସହ ଅଭିଯୁକ୍ତ ସୁବାସଙ୍କୁ ଥାନାରେ ହାଜିରା କରାଇବେ ବୋଲି ଚୁକ୍ତି ପତ୍ରରେ ସ୍ୱାକ୍ଷରିତ କରିଥିଲେ ।

# ଓଡ଼ିଶା ସାମ୍ବାଦିକ ସଂଘ ପୁରୀଜିଲ୍ଲା ଶାଖା ପକ୍ଷରୁ ୧୧ତମ ବାର୍ଷିକୋତ୍ସବ ସାମ୍ବାଦିକମାନେ ଚାପରେ ଚେପା ନହୋଇ ନିର୍ଭିକ କଲମ ଚାଳନା କରନ୍ତୁ

ପୁରୀ,(ପି.ଏନ): ବୃହତମ ଗଣତନ୍ତ୍ର ରାଷ୍ଟ୍ରରେ ଚୁତର୍ଥସ୍ତମ୍ଭ କାର୍ଯ୍ୟ ଠିକ୍ ଭାବେ ହୋଇପାରିଲେ ଗଣତନ୍ତ୍ର ସୁଦୃଢ ଓ ଲୋକାଭିମୁଖୀ ହୋଇପାରିବ । ଓଡ଼ିଶା ସମ୍ବାଦିକ ସଂଘ(ଓଜେୟୁ) ପୁରୀଜିଲ୍ଲା ପକ୍ଷରୁ ୧୧ତମ ବାର୍ଷିକୋତ୍ସବ ଚକ୍ରତୀର୍ଥ ରୋଡ଼ ସ୍ଥିତ ସଂସ୍କୃତି ଭବନ ସଭାଗୃହ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ନ୍ୟୁଜ୍ ସେଭେନର ବରିଷ୍ଠ ସାମ୍ବାଦିକ ବିଭୂତି ବିଶ୍ୱାଳ ଯୋଗଦେଇ କହିଲେ ସମ୍ବାଦିକମାନେ ଠିକ ଓ ସତ୍ୟ ଘଟଣା ଲେଖିଲେ ଦିନେ ନା ଦିନେ କିଏ ହେଲେ ସମ୍ବାଦିକଙ୍କୁ ମନେ ପକାଇବ । ସମ୍ମାନିତ ଅତିଥି ଭାବେ ଦି ନ୍ୟୁୟ ଇଣ୍ଡିଆନ ଏକ୍ସପ୍ରେସ୍‌ର ପୁରୀ ମୁଖ୍ୟ ସାମ୍ବାଦିକ ରାଜକୁମାର ମହାନ୍ତି ସଂଘର ଗଣତନ୍ତ୍ରମୁଖୀ କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ । ଓଡ଼ିଶା ସମ୍ବାଦର ମୁଖ୍ୟ ବରିଷ୍ଠ ସାମ୍ବାଦିକ ସନ୍ଦିପ ମିଶ୍ର ଯୋଗଦେଇ କହିଲେ ସମ୍ବାଦ ପରିବେଷଣର ତରିକା ଦିନକୁ ଦିନ ବଦଳିବାରେ ଲାଗିଛି । ତାସତ୍ତ୍ୱେ ପାଠକମାନେ ଖବରକାଗଜକୁ ଅଧିକ ପସନ୍ଦ କରୁଛନ୍ତି । ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୂପ୍ରସାଦ ତ୍ରିପାଠୀ ଯୋଗଦେଇ କହିଲେ ସାମ୍ବାଦିକତା, ସଂଘ ଗଠନ କରିବା ଓ ସଂଘକୁ ଚଳାଇବା ବହୁ କଷ୍ଟକର ପାଠ । ସାମ୍ବାଦିକମାନେ ଆଇନ ବିଷୟରେ ଅବଗତ ହୋଇ ସମ୍ବାଦ ପରିବେଷଣ କରିବା ଉଚିତ୍ । ବରିଷ୍ଠ ସମାଜସେବୀ ସୁଚୀସ୍ମିତା ପୃଷ୍ଟି ଯୋଗଦେଇ କହିଲେ ସାମ୍ବାଦିକମାନେ ନିରପେକ୍ଷତା ଓ ଗୁଣବତା ବଜାୟ ରଖିବା ଉଚିତ । ଏହାସହ ସଂଘର ମାର୍ଗଦର୍ଶକ ଚକ୍ରଧର ମହାପାତ୍ର, ଭୁବନେଶ୍ୱରର ବରିଷ୍ଠ ଚିକିତ୍ସକ ଡ଼କ୍ଟର ଅମ୍ରିତ ପାଟ୍ଟଯୋଶୀ ପ୍ରମୁଖ ଯୋଗଦେଇ ସମ୍ବାଦିକଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରୁ ସମବେତ କଣ୍ଠ ସଙ୍ଗୀତ ଓ କଣ୍ଠଶିଳ୍ପୀ ଦେବାଂଶୀ ଦାଶ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ । ଏହି ସଭାରେ ଜିଲ୍ଲା ସଭାପତି ବିଜୟ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ସଂପାଦକ ସୁଧାଂଶୁ ଶେଖର କର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ଉପସଭାପତି ବିଶ୍ୱନାଥ ମିଶ୍ର ମଞ୍ଚ ସଂଚାଳନ କରିଥିଲେ । ଶେଷରେ ଅତିଥିମାନଙ୍କ ଦ୍ୱାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂଘ ତରଫରୁ ସମ୍ମାନିତ କରାଯାଇଥିଲା । ସାଂସ୍କୃତିକ ବିଚିତ୍ରାରେ ରୋଜାଲିନ ପଣ୍ଡା ଓ ନନ୍ଦୀତା ପ୍ରିୟଦର୍ଶନୀ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟଶିକ୍ଷୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଯଜ୍ଞଦତ ଦାଶ ଓ ସ୍ୱପ୍ନା ଷଡ଼ଙ୍ଗୀଙ୍କ ଯୁଗଳ କଣ୍ଠରେ ସଙ୍ଗୀତ ପରିବେଷଣ କରାଯାଇଥିଲା । ସହସଂପାଦକ ଦେବେନ୍ଦ୍ର କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ସୁଶାନ୍ତ ସାହୁ, ପ୍ରଦୀପ ପ୍ରଧାନ, ବିକ୍ରମ ଆଚାର୍ଯ୍ୟ, ସାଗରମଦନ ମୋହନ ପ୍ରତିହାରୀ, ଅନିମେଶ ପଟ୍ଟନାୟକ, ଦିବ୍ୟରଞ୍ଜନ ବିଶୋଇ, ସତ୍ୟନାରାୟଣ ପଟ୍ଟନାୟକ, ସୁବୋଧ କୁମାର ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ ।

## ଉପକାରାଗାରରେ ବିଶ୍ୱ ତମାଖୁ ବର୍ଜନ ଦିବସ

ଖୋର୍ଦ୍ଧା,(ପିଏନ): ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଖୋର୍ଦ୍ଧା ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସେବା କେନ୍ଦ୍ର ପକ୍ଷରୁ ଉପକାରାଗାର ପରିସରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଇଥିଲା । ଏ ନେଇ ଉପକାରାଗାର ଅଧିକ୍ଷକ କୃଷ୍ଣ ଚନ୍ଦ୍ର ରାଉତଙ୍କର ସଭାପତିତ୍ୱରେ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ବ୍ରହ୍ମା କୁମାର ଜୟକୃଷ୍ଣ ଭାଇ ଖୋର୍ଦ୍ଧାକୁ ନିଶା ମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇ ନିଶାରୁ ନିବୃତ ରହିବାକୁ ଶପଥ ପାଠ କରିଥିଲେ । ବ୍ରହ୍ମା କୁମାରୀ ପୂଜା ଭଉଣୀ ରାଜଯୋଗ ଉପରେ ଗୁରୁତ୍ୱ ଦେଇଥିବା ବେଳେ ବ୍ରହ୍ମା କୁମାର ପ୍ରଦୀପ ଭାଇ ଓ ରତ୍ନାକର ଭାଇ ଈଶ୍ୱରୀୟ ଜ୍ଞାନ ଓ ଯୋଗର ଅଭ୍ୟାସ ଦ୍ୱାରା ନିଜେ କିପରି ନିଶା ସେବନ ଠାରୁ ଦୂରେଇ ଯାଇଛନ୍ତି ତାହାର ଅନୁଭବକୁ ଶୁଣାଇଥିଲେ । ଶେଷରେ କୁମାରୀ କନକଲତା ଭଉଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ମାସିକ ଈଶ୍ୱରୀୟ ପତ୍ରିକା ଜ୍ଞାନ ଦର୍ପଣ ଅନ୍ତେବାସୀଙ୍କୁ ପ୍ରଦାନ କରାଯାଇଥିଲା ।

## ଆଦର୍ଶ ରଜ ଉତ୍ସବ ପାଇଁ ପ୍ରସ୍ତୁତି : ଜୁନ ୫ରେ ମେଧା ଅନ୍ୱେଷଣ ପ୍ରତିଯୋଗିତା

ଘସିପୁରା, (ପି.ଏନ): ଘଷିପୁରା ଆଦର୍ଶ ସେବା ସଂଘ ପକ୍ଷରୁ ରଜ ଉତ୍ସବ ତଥା ବାଣିଜ୍ୟ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଯଜ୍ଞ ପ୍ରସାଦଙ୍କ ଅଧକ୍ଷତାରେ ହୋଟେଲ୍ ଗାୟତ୍ରୀ ଠାରେ ଏ ନେଇ ବିସ୍ତୃତ ଆଲୋଚନା କରାଯାଇଛି । ଏ ସମ୍ପର୍କରେ ଯଜ୍ଞ ପ୍ରସାଦ କହିଛନ୍ତି, ଆସନ୍ତା ୫ ତାରିଖ ରବିବାର ପ୍ରଥମେ ଉପଖଣ୍ଡସ୍ତରୀୟ ମେଧା ଅନ୍ୱେଷଣ ପ୍ରତିଯୋଗିତା ସ୍ଥାନୀୟ ଗାୟତ୍ରୀ ହୋଟେଲରେ ଆୟୋଜିତ ହେବ ।

# ବିଜେପି ଜନକଲ୍ୟାଣ ଯୋଜନାର ଜନ ସମ୍ପର୍କ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଘସିପୁରା, (ପି.ଏନ): ବିଜେପି ଜନକଲ୍ୟାଣ ଯୋଜନା ର ଜନ ସମ୍ପର୍କ କାର୍ଯ୍ୟକ୍ରମ ପାଇଁ ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଜେପି ର ସେବା, ସୁଶାସନ ଓ ଗରିବ କଲ୍ୟାଣ ପକ୍ଷ ମେ ୩୧ ତାରିଖ ଠାରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ, ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀ ଜୀ କଂ ୮ ବର୍ଷ ର ଜନକଲ୍ୟାଣ ଯୋଜନା ର ଜନ ସମ୍ପର୍କ କାର୍ଯ୍ୟକ୍ରମ ପାଇଁ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ର ପ୍ରସ୍ତୁତି ବୈଠକ ହାଟଡିହି ବିଜେପି କାର୍ଯ୍ୟଳୟ ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ଜ୍ଞାନ ରଞ୍ଜନ ସାମନ୍ତସିଂହାର, ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ରାଜ୍ୟ ସଂଯୋଜକ ଶ୍ରୀ ମହେଶ୍ୱର ସାହୁ, ବିଜେପି ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ତଥା ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଶ୍ରୀ ଆଲୋକ କୁମାର ସେଠୀ, ଆନନ୍ଦପୁର ମୁନିସିପାଲିଟି ର ପୂର୍ବତନ ନଗରପାଳ ଶ୍ରୀ ରାମଚନ୍ଦ୍ର ସାହୁ, ବିଜେପି ଜିଲ୍ଲା ଉପସଭାପତି ଶ୍ରୀ ନିରାକାର ଦଳେଇ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ଶ୍ରୀ ଶଙ୍କର୍ଷଣ ଜେନା, ଶାଳବଣି ମଣ୍ଡଳ ସଭାପତି ଶ୍ରୀ ଟୁକୁନା ମହାନ୍ତ, ହାଟଡିହି ମଣ୍ଡଳ ସଭାପତି ଶ୍ରୀ କୈଳାଶ ସାମଲ, ବଞ୍ଚୋ ମଣ୍ଡଳ ସଭାପତି ଶ୍ରୀ ନାରାୟଣ ରାଉତ, ଶାଳନିଆଁ ମଣ୍ଡଳ ସଭାପତି ଶ୍ରୀ ବଳଭଦ୍ର ବାରିକ, କୃଷକ ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ହରମୋହନ ଶାସନି, ଆନନ୍ଦପୁର ମୁନିସିପାଲିଟି କାଉନସିଲର ଶ୍ରୀ ସମ୍ପିତ କୁମାର ଦାସ, ପ୍ରାଣବନ୍ଧୁ ସାହୁ, ବାଇଧର ସାହୁ, ରାମଚନ୍ଦ୍ର ସାହୁ, ଘାସିରାମ ନାୟକ, କାଳନ୍ଦି ପୁଷ୍ଟି, ଶ୍ରୀକାନ୍ତ ଯେନା, ପ୍ରଶାନ୍ତ ନାୟକ, ସୁଶାନ୍ତ କୁମାର ଜେନା,ଜଗନ୍ନାଥ ଦେବତା ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ । ମେ ୩୧ ତାରିଖ ଠାରୁ ଜୁନ ୧୫ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୬ ଦିନ ବ୍ୟାପୀ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ରେ ଏହି କାର୍ଯ୍ୟକ୍ରମ କୁ ବ୍ୟାପକ ଭାବେ ପାଳନ କରାଯିବା ସହିତ ଘରକୁ ଘର ବିଜେପି କାର୍ଯ୍ୟକର୍ତ୍ତା । ନରେନ୍ଦ୍ର ମୋଦୀ ଜୀ କଂ ର ୮ ବର୍ଷ ର ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକ ମାନଙ୍କୁ ଅବଗତ କରାଯିବ ବୋଲି ବିଧାୟକ ପ୍ରାର୍ଥୀ ଶ୍ରୀ ଆଲୋକ କୁମାର ସେଠୀ ତାକଂର ଭାଷଣରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନଙ୍କୁ କହିଥିଲେ । ବରିଷ୍ଠ ବିଜେପି ନେତା ଶ୍ରୀ ରାମଚନ୍ଦ୍ର ସାହୁଙ୍କୁ ଏହି କାର୍ଯ୍ୟକ୍ରମ ର ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀ ର ସଂଯୋଜକ ରୂପେ ଘୋଷଣା କରାଯାଇଥିବା ବେଳେ ଶ୍ରୀ ହରମୋହନ ଶାସନି ଓ କାଉନସିଲର ଶ୍ରୀ ସମ୍ପିତ କୁମାର ଦାସ କୁଂ ସହସଂଯୋଜକ ଭାବେ ନାମ ଘୋଷଣା କରାଯାଇଛି । ତତସହିତ ୨୦ ଜଣ ବରିଷ୍ଠ ବିଜେପି ନେତା କୁଂ କାୟ୍ୟକ୍ରମ ପ୍ରମୁଖ ରୂପେ ଉକ୍ତ ବୈଠକରେ ଘୋଷଣା କରାଯାଇଛି ।

# ପିଏମ କେୟାର ଫର୍ ଚିଲ୍ଡ୍ରେନ୍ ଯୋଜନାର ହିତାଧିକାରୀଙ୍କୁ ଭର୍ଚୁଆଲ ମୋଡରେ ସନ୍ଦେଶ ଓ ଏହାର ବୃତି ଅର୍ଥ ବିତରଣ

ଭବାନୀପାଟଣା, (ପି.ଏନ): ଆଜି ସ୍ଥାନୀୟ ଏନ୍ ଆଇ ସି ଭିଡିଓ କନଫରେନ୍ସ ହଲ ରେ ସକାଳ ୧୦ଟା ୩୦ ମିନିଟ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନସିଂ ମାଧ୍ୟମରେ ଯୋଗ୍ୟ ବିବେଚିତ ହିତାଧିକାରୀ ମାନଙ୍କୁ ସମବେଦନା ଜଣାଇବା ସହ ବୃତି ଅର୍ଥ ରାଶି ହସ୍ତାନ୍ତର କରିଥିଲେ । ସୂଚନାଯୋଗ୍ୟ ଯେ, ୩୧.୩.୨୦୨୦ ରୁ ୩୧.୧୨.୨୦୨୧ ମଧ୍ୟରେ କୋଭିଡ ମହାମାରୀ -୨୦୧୯ କାରଣରୁ ଯେଉଁ ପିଲାମାନେ ନିଜର ପିତା ମାତା କିମ୍ବା ଆଇନଗତ ଅଭିଭାବକ କିମ୍ବା ପୋଷ୍ୟ ପିତା ମାତା କିମ୍ବା ଜୀବିତ ଅଭିଭାବକଙ୍କୁ ହରାଇ ଅନାଥ ହୋଇଥିବେ ସେହି ଅନାଥ ପିଲାମାନଙ୍କୁ ବିଶେଷ ସହାୟତା ଓ ସୁରକ୍ଷା ଯୋଗାଇଦେବା ପାଇଁ ମଇ ୨୯ ,୨୦୨୧ ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ପିଏମ କେୟାରସ୍ ଫର୍ ଚିଲ୍ଡ୍ରେନ୍ ଯୋଜନାର ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ଆଜି ସ୍ଥାନୀୟ ଏନ୍ ଆଇ ସି ଭିଡିଓ କନଫରେନ୍ସ ହଲ ରେ ଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ ସୁଶାନ୍ତ କୁମାର ପଟେଲ ଯୋଗଦେଇ ଚିହ୍ନଟ ୧୦ ଜଣ ହିତାଧିକାରୀଙ୍କୁ ବହୁତ ପରିଶ୍ରମ ପୂର୍ବକ ପାଠ ପଢି ଭବିଷ୍ୟତରେ ଜଣେ ଯୋଗ୍ୟ ମଣିଷ ହେବାକୁ ପରାମର୍ଶ ଦେବା ସହ ସ୍ନେହପତ୍ର, ପାସ ବୁକ୍, ସ୍ୱାସ୍ଥ୍ୟ କାର୍ଡ ଓ ସ୍କୁଲ ବ୍ୟାଗ୍ ପ୍ରଦାନ କରିଥିଲେ । ଏହି ଯୋଜନାର ଉଦ୍ଦେଶ୍ୟ ଅନାଥ ପିଲାମାନଙ୍କୁ ସମସ୍ତ ସହାୟତା, ଶିକ୍ଷା ଓ ବୃତି ଅର୍ଥ ସାହାଯ୍ୟରେ ସଶକ୍ତ କରିବା, ସ୍ୱାସ୍ଥ୍ୟ ବୀମା, ୨୩ ବର୍ଷ ଉପନୀତ ହେବା ପରେ ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ପାଇଁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଓ ସର୍ବୋପରି ସେମାନଙ୍କ କଲ୍ୟାଣକୁ ସୁନିଶ୍ଚିତ କରିବା । ଜମା ହୋଇଥିବା ୧୦ ଲକ୍ଷ ଅର୍ଥ ରାଶିର ସୁଧ ୧୮ ବର୍ଷ ବୟସରୁ ନିଜର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଦରକାରୀ ଜିନିଷ ପାଇଁ ମାସିକ ଷ୍ଟାଇପେଣ୍ଡ ହିସାବରେ ମିଳିବ । କଳାହାଣ୍ଡି ଜିଲ୍ଲାର ମୋଟ୍ ୧୦ ଜଣ ଅନାଥ ପିଲାଙ୍କୁ ଏହି ଅର୍ଥ ସହାୟତା ପୋଷ୍ଟାଲ ପାସ ବୁକ୍ ମାଧ୍ୟମରେ ଯୋଗାଇ ଦିଆ ଯାଇଛି । ଏହି ଭର୍ଚୁଆଲ ସଭାରେ ସିଡବ୍ଲୁସି ଅଧକ୍ଷ ରାକେଶ କୁମାର ନାୟକ, ଡି ସି ପି ଓ ଶୈଳନ୍ଦୁ ମହାପାତ୍ର, ଡି ଆଇ ପି ଆର ଓ ମନୋଜ ବେହେରା, ସଭ୍ୟ ସି ଡବ୍ଲୁସି ସତ୍ୟ ନାରାୟଣ ମହାପାତ୍ର, ପି ଓ ରାଜଲକ୍ଷ୍ମୀ ଦାସ, ପ୍ରଦୀପ୍ତ ତ୍ରିପାଠୀ, ରୁପେଶ କୁମାର ହୋତା ହିତାଧିକାରୀଙ୍କ ଅଭିଭାବକ ତଥା ଡି ସି ପି ଓ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ

# ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ ।

## ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅଞ୍ଚଳବାସୀ ଦାବିକରିଛନ୍ତି ।





Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଧର୍ମଶାଳା ପଂଚାୟତ ସମିତିର ପାନୀୟଜଳ ଓ ପରିମଳ ସଂପର୍କିତ ସ୍ୱତନ୍ତ୍ର ଅଧିବେଶନ

ଧର୍ମଶାଳା,(ପିଏନ): ଧର୍ମଶାଳା ପଂଚାୟତ ସମିତିର ପାନୀୟଜଳ ଓ ପରିମଳ ସଂପର୍କିତ ସ୍ୱତନ୍ତ୍ର ଅଧିବେଶନ କଳ୍ପତରୁ ଦାସ ଷ୍ଟାଡିୟମ ସ୍ଥିତ ପଂଚାୟତ ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏଥିରେ ସଭାପତିତ୍ୱ କରି ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ ଓ ସ୍ୱଚ୍ଛ ଭାରତ ମିଶନ ଉପରେ ଗୁରୁତ୍ୱାରୋପ କରିଥିଲେ । ପାଇପ ବିଛାଯାଇ ମେଗା ପାନୀୟ ଜଳଯୋଗାଣ ପାଇଁ କାର୍ଯ୍ୟର ତ୍ୱରାନ୍ୱିତ କରାଯିବା ସହ ଆସନ୍ତା ୨୦୨୨ ସୁଦ୍ଧା ଧର୍ମଶାଳା ବ୍ଲକର ୪୫ଟି ପଂଚାୟତର ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଥିଲେ ହେଁ ଡିସେମ୍ବର ୨୦୨୨ ସୁଦ୍ଧା ପ୍ରକଳ୍ପ ନିର୍ମାଣ କରୁଥିବା ଠିକା ସଂସ୍ଥା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କାର୍ଯ୍ୟରେ ପଂଚାୟତ ସମିତି ସଦସ୍ୟା ଓ ସରପଂଚମାନେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଥିବାବେଳେ ଅତିରିକ୍ତ ବିଡିଓ ଅସିତ କୁମାର ପାତ୍ର ସଭା ସଂଚାଳନ କରି ସ୍ୱଚ୍ଛ ଭାରତ ମିଶନ ସଂପର୍କରେ ଆଲୋଚନା କରିଥିଲେ । ଆରଡବ୍ଲ୍ୟୁଏସ୍ଏସ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. କୁଳମଣି ମହାରଣା ସୂଚନା ଦେଇ କହିଲେ ଯେ ୬୨ ହଜାର ପରିବାରଙ୍କୁ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଯିବ । ଏଥିପାଇଁ ୮୮୬ କିଲୋମିଟର ପାଇପ ଲାଇନ୍‌ର ବିଛାଯିବାର ଆବଶ୍ୟକତା ଥିବାବେଳେ ୫୭୪ କିଲୋମିଟର ପାଇପ ବିଛାହୋଇ ସାରିଲାଣି । ଅବିଶିଷ୍ଟ ଡିସେମ୍ବର ୨୨ ଶେଷ ସୁଦ୍ଧା ପାଇପ ବିଛା କାର୍ଯ୍ୟ ସରିବ । ବ୍ଲକ ଅଧ୍ୟକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ମହାରଣା କହିଲେ ଯେ, ଏହି ବ୍ଲକରେ ୧୮୬୪ଟି ନଳକୂପ ସଚଳ ଥିବା ବେଳେ ୧୭୯ଟି ଅଚଳ ନଳକୂପକୁ ସଚଳ କରିବାପାଇଁ ଜିଲ୍ଲାପାଳଙ୍କ ଅନୁମୋଦନ ପାଇଁ ଖୁବ୍ ଶୀଘ୍ର ପଠାଯିବ । ଏହି ବୈଠକରେ ସ୍ୱଚ୍ଛଭାରତ ମିଶନ ଓ ପରିବେଶ ସଂପର୍କରେ ଆଲୋଚନା କରାଯାଇଥିଲା । ଆଲୋଚନାରେ ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସୁଧାଂଶୁ ଭୂଷଣ ସାହୁ, ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ସଂସ୍ଥାର ଅଧିକାରୀ ପୁରସ୍ତମ ରାଓ, ଗଂଗାଧରପୁର ସରପଂଚ ତ୍ରିଲୋଚନ ଜେନା, ଜାରକା ସରପଂଚ ସୁଦାମ ନାୟକ, ନେଉଳପୁର ସମିତି ସଭ୍ୟ ନିରୁପମା ବାରିକ, ଅନନ୍ତ ଚରଣ ତରାଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ବୈଠକରେ ଜିଲ୍ଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା ଓ ଭାଇସ୍ ଚେୟାରମ୍ୟାନ୍ ବିଶ୍ୱବିଜୟିନୀ ମିଶ୍ର ମଂଚାସୀନ ଥିଲେ । ଅତିରିକ୍ତ ବିଡିଓ ଅସିତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଚାରଗୋଠ ଗ୍ରାମରେ ସେହି ଗ୍ରାମର ଜଣେ ଯୁବକ ଜଣେ ନାବାଳିକାକୁ ଅପହରଣ କରି ନେଇଥିଲା । ପରିବାର ପକ୍ଷରୁ ଅଭିଯୋଗକ୍ରମେ ପୋଲିସ ୧୩୩/୨୨ ରେ ଏକ କେଶ ରୁଜୁ କରି ଅଭିଯୁକ୍ତକୁ ଗିରଫ କରିଛି । ଚାରଗୋଠ ଗ୍ରାମର କାଳନ୍ଦି ପରିଡା ସେହ ଗ୍ରାମର ଜଣେ ୧୬ବର୍ଷର ନାବଳିକାକୁ ମେ ମାସ ୧୯ତାରିଖରେ ଅପହରଣ କରି ନେଇଥିଲା । ପୋଲିସ ତଦନ୍ତ ଚଳାଇ ଅପହୃତା ନାବାଳିକାକୁ ଗତ ୨୧ତାରିଖରେ ନେଉଳପୁରରୁ ଉଦ୍ଧାର କରିଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲା । ଗତକାଲି ରାତିରେ ଅଭିଯୁକ୍ତ କାଳନ୍ଦିକୁ ତା ଘରୁ ପୋଲିସ ଗିରଫ କରି ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି ।

## ବାଗ୍‌ଦେବୀଙ୍କ ପୀଠରେ ବିଶ୍ୱ ଶାନ୍ତି ଯଜ୍ଞ




ଯାଜପୁର,(ପି.ଏନ): ଯାଜପୁର ବ୍ଲକ ଅଧିନସ୍ଥ ମତାବାଦ ଗ୍ରାମର ଅଧିଷ୍ଠାତ୍ରୀ ବାଗ୍‌ଦେବୀ ପୀଠରେ ବିଶ୍ୱ ଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞରେ ପଣ୍ଡିତ ରଘୁନାଥ ପଣ୍ଡା ଓ ସାଥୀ ପଣ୍ଡିତ ଗଣ ନୀଳମଣୀ ବାବାଙ୍କ ସମେତ ସାଧୁ ସନ୍ଥ ଉପସ୍ଥିତ ରହି ପବିତ୍ର ମନ୍ତ୍ରପାଠ, ବେଦଧ୍ୱନି, ସୂର୍ଯ୍ୟପୂଜା, ଯଜ୍ଞପୂଜା ଏବଂ ପୂର୍ଣ୍ଣାହୁତି କାର୍ଯ୍ୟ ହୋଇଥିବା ବେଳେ ନାମ ସଂକୀର୍ତ୍ତନରେ ପୀଠ ପବିତ୍ରତାରେ ଦ୍ୱିଗୁଣିତ ହୋଇଥିଲା । ଶତାଧିକ ଶ୍ରଦ୍ଧାଳୁଙ୍କୁ ପ୍ରସାଦନ ସେବା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ବଟକୃଷ୍ଣ ପଣ୍ଡା, କାର୍ତ୍ତିକ ମହାପାତ୍ର, ଚନ୍ଦ୍ରମଣି ସାହୁ, ଅର୍ଜୁନ ସାହୁ, କୃଷ୍ଣ ଚନ୍ଦ୍ର ବେହେରା, ପ୍ରଫୁଲ୍ଲ ବେହେରା, ଶରତ ପୃଷ୍ଟି, ମହେଶ୍ୱର ଦଳେଇ, ତାରାମଣି ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଯାଇଛି ।

## ଯଦୁପୁର ପ୍ରାଥମିକ କୃଷି ସମବାୟ ସମିତିରେ ବ୍ୟାପକ ଦୁର୍ନିତି ଅଭିଯୋଗ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ଯଦୁପୁର ପ୍ରାଥମିକ କୃଷି ସମବାୟ ସମିତିରେ ବ୍ୟାପକ ଦୁର୍ନିତି ହୋଇଥିବା ନେଇ କେତେକ ସଭ୍ୟ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ପ୍ରାଥମିକ କୃଷି ସମବାୟ ସମିତିର ପୂର୍ବତନ ସଭାପତି, ସମ୍ପାଦକ ଏବଂ ବର୍ତ୍ତମାନର କାର୍ଯ୍ୟକାରୀ ସମ୍ପାଦକଙ୍କ ସହଯୋଗରେ ବ୍ୟାପକ ଦୁର୍ନିତି କରିଥିବା ନେଇ ଅଭିଯୋଗ ହୋଇଛି । ଗତ ୨୦୧୮ ମସିହାରେ ଅଧିକାଂଶ ସଭ୍ୟଙ୍କର ଅଗୋଚରରେ ସେମାନଙ୍କ ନାମରେ କେଏଲଜି ଋଣ ଆତ୍ମସାତ କରିଥିବା ନେଇ ଚଳିତ ମାସ ୧୦ ତାରିଖରେ କେନ୍ଦ୍ରାପଡା ସମବାୟ ସମିତି ସମୁହର ସହକାରୀ ନିବନ୍ଧକ ଏବଂ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏଥି ସହିତ ଏବେ ସମବାୟ ସମିତିର ନିର୍ବାଚନ ପ୍ରକ୍ରୀୟା ଆରମ୍ଭ ହୋଇଯାଇଥିବାରୁ ଭୋଟର ତାଲିକାରେ ମଧ୍ୟ ବ୍ୟାପକ ଚଞ୍ଚକତା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏହି ଘଟଣାର ଆବଶ୍ୟକ ତଦନ୍ତ କରାଯିବା ପାଇଁ ଅଭିଯୋଗକାରୀଙ୍କ ପକ୍ଷରୁ ଅଧିର ଦାସ, ସୁକାନ୍ତ ବେହେରା, ସମୀର ସାହୁ, ବିକ୍ରମ ନାଥ, ରବିନ୍ଦ୍ର ସାହୁ, ବିଶ୍ୱ ରଞ୍ଜନ ଓଝା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

## ନୂଆଗାଁ ଠାରେ ପ୍ରସ୍ତାବିତ ଠିପି ଖୋଲା ମଦ ଦୋକାନକୁ ବିରୋଧ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ପଂଚାୟତ ନୂଆଗାଁ ଠାରେ ପ୍ରସ୍ତାବିତ ନୂତନ ଠିପି ଖୋଲା ମଦ ଦୋକାନ ଖୋଲିବା ପାଇଁ ଯାଜପୁର ଜିଲ୍ଲାପାଳଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଜିଲ୍ଲା ଅବକାରୀ ବିଭାଗ ପତ୍ର ସଂଖ୍ୟା ୧୧୭୦, ତା ୧୯.୦୫.୨୨ରିଖ ଅନୁଯାୟୀ ନୂଆଁ ଗାଁ ଠାରେ ଠିପି ଖୋଲା ମଦ ଦୋକାନ ସର୍ବସାଧାରଣଙ୍କ ଠାରୁ ଅଭିଯୋଗ ନିମନ୍ତେ ଏହି ବିଜ୍ଞପ୍ତିରେ ଦର୍ଶାଯାଇଛି । ଏହାକୁ ନିକଟରେ ଥିବା ବିବେକାନନ୍ଦ ଶିକ୍ଷାନିକେତନ, ଦିୟୁ ପବ୍ଲିକ ସ୍କୁଲ, ଏପିଜେ ଅବଦୁଲ କଲାମ ଇଂଲିଶ ମିଡିୟମ ସ୍କୁଲ ତଥା ସ୍ଥାନୀୟ ଅଂଚଳର ଜନସାଧାରଣ ବିରୋଧ କରି ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ଏଠାରେ କୃଷି ଉଦ୍ୟାନ ବିଭାଗ, ଅଙ୍ଗନୱାଡି କେନ୍ଦ୍ର, ସିଲେଇ ପ୍ରଶିକ୍ଷଣ କେନ୍ଦ୍ର, ନାକପୋଲ ରାଜସ୍ୱ କାର୍ଯ୍ୟାଳୟ, ପଳାସବୁଢୀ ଠାକୁରାଣୀଙ୍କ ପୀଠ ଥିବାରୁ ମଦ ଦୋକାନ ଖୋଲାଗଲେ ଏହାର କୁପ୍ରଭାବ ପଡିବ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ଜାତିଗତ ଓ ଜମିଜମା ପ୍ରମାଣପତ୍ର ପାଇବାକୁ ଜିଲ୍ଲାପାଳଙ୍କୁ ଅଭିଯୋଗ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଦାରୁଠେଙ୍ଗ ଗ୍ରାମ ପଂଚାୟତ ଅନ୍ତର୍ଗତ କୃଷ୍ଣ ନଗର ରାଜସ୍ୱ ଗ୍ରାମର ଜନସସାଧାରଣ ୫ ଶହରୁ ଉର୍ଦ୍ଧ୍ୱ ଧରି ବସବାସ କରି ଆସୁଛନ୍ତି ।

## ବନ୍ୟଜନ୍ତୁ ଶିକାର ନକରିବାକୁ ସଚେତନ କଲେ ପୋଲିସ ଅଧିକାରୀ

ମାଲକାନଗିରି, (ପି.ଏନ): ଜଙ୍ଗଲ ଆମର ମା ’ । ଠାକୁରଙ୍କ ନାଁରେ ଶପଥ କରି କହୁଛୁ ପରମ୍ପରା ନାଁରେ ଆମେ ଆଉ ବନ୍ୟଜନ୍ତୁ ଶିକାର କରିବୁ ନାହିଁ, ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ସହ ଜଙ୍ଗଲରେ ଆଉ ନିଆଁ ଲଗାଇବୁ ନାହିଁ । ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଏହିପରି ଶପଥ କରି କହିଛନ୍ତି ଓର୍କେଲ ଥାନା ଅନ୍ତର୍ଗତ ସୋରୁଲୁକୋଣ୍ଡା ଗ୍ରାମବାସୀ ।ଚିତ୍ରକୋଣ୍ଡା ଏସଡ଼ିପିଓ ଅଂଶୁମାନ ଦ୍ୱିବେଦୀଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ଛକ ନିକଟରେ ପୁଲିସ ପକ୍ଷରୁ ଯାଂଚ୍ ଚାଲିଥିବା ବେଳେ ସୋରୁଲୁକୋଣ୍ଡା ଗ୍ରାମର ୨୨ ଜଣ ଗ୍ରାମବାସୀ ୧୨ଟି ମୋଟରସାଇକେଲରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶିକାର କରିବା ଉଦ୍ଦେଶ୍ୟରେ ବାହାରିଥିଲେ ।ଏହି ସମୟରେ ଏସଡ଼ିପିଓ ଅଂଶୁମାନ ଦ୍ୱିବେଦୀ ଏବଂ ଥାନାଧିକାରୀ ଜୋହନ କୁଜୁର ସେମାନଙ୍କୁ ଅଟକାଇଥିଲେ । ପଚାରିବାରୁ ସେମାନେ ଟେନଲକ୍ୟାମ୍ପ ଜଙ୍ଗଲକୁ ଶିକାର କରିବାକୁ ଯାଉଥିବା ଗ୍ରାମବାସୀ କହିଥିଲେ । ଏହିପରି ଶିକାର କରି ନିରୀହ ବନ୍ୟପ୍ରାଣୀଙ୍କୁ ନମାରିବାକୁ ଦୁଇ ପୁଲିସ ଅଧିକାରୀ ସେମାନଙ୍କୁ ବୁଝାଇଥିଲେ । ତାସହ ଜଙ୍ଗଲକୁ ସୁରକ୍ଷା ଦେବା ଆଉ ଜଙ୍ଗଲରେ ନିଆଁ ନଲଗାଇବାକୁ ସଚେତନ କରାଇଥିଲେ । ଗ୍ରାମବାସୀ ମଧ୍ୟ ଏଥିରେ ଏକମତ ହୋଇ ସଚେତନ ହେବା ସହ ଅନ୍ୟମାନଙ୍କୁ ଏ ଦିଗରେ ସଚେତନ କରାଇବେ ବୋଲି କହିଥିଲେ । ଦୁଇ ପୁଲିସ ଅଧିକାରୀଙ୍କ ଏପରି ସଚେତନତା ପଦକ୍ଷେପକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି ।

## ଶାନ୍ତି ବଜାର ଠାରୁ ଅବଦନ ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ୧୪ନଂ କେନାଲର ଶାନ୍ତିବଜାର ଠାରୁ ଅବଦନ ପର୍ଯ୍ୟନ୍ତ ରାସ୍ତାର ଭିତିପ୍ରସ୍ତର ସ୍ଥାପନ ହୋଇଯାଇଛି । ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସାଢେ ପାଂଚ କିଲୋମିଟର ରାସ୍ତା ପାଇଁ ୬ କୋଟି ୪ ଲକ୍ଷ ୬୧ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିବା ରାସ୍ତାକୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ । ସମ୍ମାନିତ ଅତିଥିଭାବେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ବିଶ୍ୱନାଥ ମାରାଣ୍ଡି, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟରନ ଦ୍ୱିବେଦୀ, ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି, ସଭ୍ୟା ସ୍ମୃତିରେଖା ବେହେରା ଯୋଗଦେଇଥିଲେ । ଆଶୁତୋଷ କଂଷ୍ଟ୍ରକସନ ଦ୍ୱାରା ହାଇଲେବୁଲ କେନାଲ ବନ୍ଧର ପ୍ରଶସ୍ତିକରଣ କରାଯାଇ ୪ କିମି ପିଚୁ ଓ ଦେଢ କିଲୋମିଟର କଂକ୍ରିଟ କାମ ଏକ ବର୍ଷ ମଧ୍ୟରେ ସାରିବାକୁ ନିର୍ଦ୍ଦେଶନାମା ରହିଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜାରକା ପଞ୍ଚାୟତର ସରପଞ୍ଚ ସୁଦାମ ବେହେରା, ଚୋରମୁହାଁ ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ବଡକାଏମା ସମିତିସଭ୍ୟ ସୌମ୍ୟ ରନ ପଣ୍ଡା, ଉତ୍ତରପ୍ରତାପ ସମିତିସଭ୍ୟ କ୍ଷିରାବ୍ଧୀ ତନୟା ମଲ୍ଲିକ୍, ବିଧାୟକଙ୍କ ପ୍ରତିନିଧି ନିର୍ମଳ ଚନ୍ଦ୍ର ପ୍ରଧାନ, ଯୁବ ବିଜେଡି ସଭାପତି କ୍ଷିତିଶ କୁମାର ନାୟକ, ଧର୍ମଶାଳା ବିଜେଡି ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ମଦନ ମୋହନ ନାୟକ, ମହିଳା ବିଜେଡି ସଭାନେତ୍ରୀ ବିଶ୍ୱ ବନ୍ଦନା ଜେନା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ ଏବଂ ଆଶୁତୋଷ କଂଷ୍ଟ୍ରକସନର ମ୍ୟାନେଜିଂ ପାର୍ଟନର ଶରତ ନାୟକ ଉପସ୍ଥିତି ଥିଲେ ।

## ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ମେଳାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପ୍ରସାରଣ

ବଲାଙ୍ଗିର, (ପି.ଏନ) : ବଲାଙ୍ଗିର କୃଷି ବିଜ୍ଞାନ କେନ୍ଦ୍ର ଠାରେ ଆଜି ଏକ ବିଶାଳ କୃଷି ମେଳାର ଆୟୋଜନ କରାଯାଇଥିଲା । ଉକ୍ତ କୃଷି ମେଳାରେ ୫ ଶହରୁ ଉର୍ଦ୍ଧ ଚାଷୀ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଶିମଲା ଠାରେ ହେଉଥିବା କଲ୍ୟାଣକାରୀ ଜାତୀୟ ଯୋଜନା ବାବଦରେ ହେଉଥିବା କାର୍ଯକ୍ରମର ସିଧା ପ୍ରସାରଣ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଥଲା । ଏହି କାର୍ଯକ୍ରମରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଓ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଯୋଗ ଦେଇଥିଲେ । କୃଷି ବିଜ୍ଞାନୀ କେନ୍ଦ୍ରର ପ୍ରାଣୀ ବିଜ୍ଞାନୀ ଡକ୍ଟର ତପନ କୁମାର ପଲାଇଙ୍କ ତତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଦୀପ ପ୍ରଜ୍ୱଳନ ସହିତ ମୁଖ୍ୟଅତିଥି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଥିବା ଚାଷୀ ଭାଇଭଉଣୀମାନେ ବିଭିନ୍ନ ଜାତୀୟ ଯୋଜନା ବାବଦରେ ଜାଣିବାକୁ ପାଇଥିଲେ ।କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କୃଷି, ପଶୁପାଳନ, ମତ୍ସ୍ୟ ବିଭାଗର ଅଧିକାରୀଙ୍କ ସହ ନାବାର୍ଡର ଲକ୍ଷ୍ମଣ କୁମାର ସଏ ଯୋଗ ଦେଇଥିଲେ ।

## ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ପାଳିତ




ବାରିପଦା ,(ପି.ଏନ): ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପକ୍ଷରୁ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ମୟୂରଭ ହାୟାର ସେକେଣ୍ଡାରି ସାଇନ୍ସ କଲେଜର ଅଧ୍ୟକ୍ଷା ଶ୍ରୀମତୀ ସଂଘମିତ୍ରା ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତମ୍ବାଖୁ ବର୍ଜନ ଦିବସ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଏନ.ଏସ.ଏସ. ସ୍ୱେଚ୍ଛାସେବୀମାନଙ୍କୁ ତମ୍ବାଖୁର ଭୟାବହତା ଉପରେ ବୁଝାଇଥିଲେ ଓ ଯୁବ ସମାଜରେ ନୈତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏନ.ଏସ.ଏସ. ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ବକ୍ତୃତା ଓ ରଚନା ପ୍ରତିଯୋଗିତା ହୋଇଥିଲା । ଅଧ୍ୟାପିକା ସବିତାରାଣୀ ଦାଶ, ସାଗରୀକା ପଣ୍ଡା, ସଂଯୁକ୍ତା ମହା‘, ଜ୍ୟୋତିର୍ମୟୀ ଗିରି, ସୁଜାତା ପାଲ ଓ ଅଧ୍ୟାପକ ମଦନ ମୋହନ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ନିଜର ମତାମତ ରଖିଥିଲେ । ଶେଷରେ ଅନ୍ୟତମ ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସର ବିଜୟା ନାୟକ ଧନ୍ୟବାଦ ଦେଇଥିଲେ ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray